


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 December 2024

Vol.No. 35 ■ No.335 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଖୋଲୁଛି ବିଷ୍ଣୁପଦ-ଚଞ୍ଚଳ ଲିଙ୍କର ଗୁମର

### ସିବିଆଇ ରେଡ୍‌ର ଦିନକ ପୂର୍ବରୁ ଭେଟଘାଟକୁ ନେଇ ପ୍ରଶ୍ନ




ଭୁବନେଶ୍ୱର, ୧୬/୧୨ (ନି.ପ୍ର): ରେଡ୍‌ର ମାତ୍ର ଦିନକ ପୂର୍ବରୁ ୫ ତାରିଖ ଦିନ କାହିଁକି ବିଷ୍ଣୁପଦ ସେଠୀଙ୍କୁ ଭେଟିଥିଲେ ଚଞ୍ଚଳ ମୁଖାର୍ଜୀ ? କେଉଁ ବିଷୟରେ ଭେଟିଥିଲେ, କ'ଣ ଆଲୋଚନା କରିଥିଲେ ତାକୁ ନେଇ ଏବେ ନୂଆ ପ୍ରଶ୍ନ ସାମ୍ନାକୁ ଆସିଛି । ବ୍ରିଜ୍ ଆଣ୍ଡ ରୁଫ୍ କଂପାନୀ ପକ୍ଷରୁ ୪ ତାରିଖରେ ଝଞ୍ଜ-ଝଉ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦଙ୍କୁ ଭେଟିବାକୁ ଅନୁମତି ମଗାଯାଇଥିଲା । ଏହା ପରଦିନ କଂପାନୀ କରୁଥିବା କାମର ଉଚଜ ଏବଂ ଏଷ୍ଟିମେଟ୍ ନେଇ ଆଲୋଚନା ହୋଇଥିବା ସ୍ୱୀକାର କରିଛନ୍ତି ନିଜେ କଂପାନୀର ଜିଏମ୍ । ଅନ୍ୟପଟେ ଏତ ବାଦବିବାଦ ପରେ ବି କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରୁନାହାନ୍ତି ସରକାର, ତାକୁ ନେଇ ବି ପ୍ରଶ୍ନ ଉଠିଲାଣି । ବିଷ୍ଣୁପଦ-ଚଞ୍ଚଳ ମୁଖାର୍ଜୀ ଲିଙ୍କର ଖୋଲୁଛି ଗୁମର । ୭ରେ ସିବିଆଇ ରେଡ୍ । ତା'ର ଦିନକ ପୂର୍ବରୁ ୫ରେ ବିଷ୍ଣୁପଦଙ୍କୁ ଭେଟିଥିଲେ ବ୍ରିଜ ଆଣ୍ଡ ରୁଫ୍ କଂପାନୀର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ । ଯେଉଁ ଭେଟଘାଟକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ସେହି ବୈଠକରେ ହୋଇଥିଲା କି ଡିଲ୍ ? କ'ଣ ସବୁ ହୋଇଥିଲା ଆଲୋଚନା ? ୪ ତାରିଖ ଦିନ ଏସଟି-ଏସସି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଭେଟିବାକୁ ବ୍ରିଜ୍ ଆଣ୍ଡ ରୁଫ୍ ପକ୍ଷରୁ ଅନୁମତି ପାଇଁ ହୋଇଥିଲା ଚିଠି। ଆଉ କଂପାନୀ ଜିଏମ୍‌ଙ୍କ ଅନୁସାରେ ୫ରେ ଉଭୟ ଏଏଗ ଚଞ୍ଚଳ ମୁଖାର୍ଜୀ ଏବଂ ଜିଏମ୍ ବିକେ ସିଂ ବିଷ୍ଣୁପଦଙ୍କୁ ଭେଟିଥିଲେ । ତାଙ୍କ କହିବା କଥା ବୈଠକ ସଂପୂର୍ଣ୍ଣ ଅଫିସିଆଲ୍ ଥିଲା । ସଂସ୍ଥାକୁ ଦିଆଯାଇଥିବା ସ୍କୁଲ କାମର ଉଚଜ ଏବଂ ଏଷ୍ଟିମେଟ୍ ସଂପର୍କରେ ଆଲୋଚନା ହୋଇଥିଲା। ତେବେ ଚଞ୍ଚଳ ମୁଖାର୍ଜୀଙ୍କ ବିଷ୍ଣୁପଦଙ୍କ ଲିଙ୍କ୍ ସଂପର୍କରେ ସେ ବିଶେଷ କିଛି ଜାଣିନଥିବା କହିଛନ୍ତି । ଏହା ସହ ତଦନ୍ତରେ ସିବିଆଇକୁ ସବୁ ପ୍ରକାର ଡକ୍ୟୁମେଣ୍ଟ ଦିଆଯାଇଛି ବୋଲି ସୂଚନା ଦେଇଛନ୍ତି । ଏପଟେ ଚଞ୍ଚଳ ମୁଖାର୍ଜୀ କହିଛନ୍ତି ମୋର କାହା ସହ କିଛି ସଂପର୍କ ନାହିଁ।

▶▶ପୃଷ୍ଠା ୭

## ପୁଣି ଆରମ୍ଭ ହେଲା ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ପାଳି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ସବୁ ସମୟରେ ସାଧାରଣ ଲୋକଙ୍କୁ ଭେଟିବା, ସେମାନଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଅଭିଯୋଗ ଗୁଡିକ ମଧ୍ୟରେ ଅଧିକାଂଶ ଅଭିଯୋଗ ଘର, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରଶାସନ ପକ୍ଷରୁ ଏହି ସବୁ ସମସ୍ୟାଗୁଡିକୁ ତୃଣମୂଳ ସ୍ତରରେ ସମାଧାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଥମିକତା ଦେଇଥାନ୍ତି। ସେମାନଙ୍କ ଅଭଯୋଗକୁ ସେ ପ୍ରଥମେ ଶୁଣାଣି କରିଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିଲେ । ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ନିଜେ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ମଧ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭିନ୍ନକ୍ଷମ ଅଭିଯୋଗକାରୀମାନେ ଆଶା ଓ ଭରସା ସହିତ ଆନନ୍ଦ ମନରେ ଫେରିଥିଲେ।

▶▶ପୃଷ୍ଠା ୭

## ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଓ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଆସନ୍ତା ଜାନୁଆରୀ ୮, ୯ ଓ ୧୦ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ। ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଠିକ୍ ସେହିପରି ଜାନୁଆରୀ ୨୭ ଓ ୨୮ତାରିଖ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ ଭୁବନେଶ୍ୱରରେ ଆୟୋଜିତ ହେବ। ସେଥିରେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ରାଜ୍ୟ ପୁଲିସ ହାବିଲଦାର କନଷ୍ଟେବଳ ସିପାହୀ ମହାସଙ୍ଘ ଉତ୍ସବରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ରାଜଧାନୀରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଗଣଧାରଣା



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ସରକାରୀ ମାନ୍ୟତା ସାଙ୍ଗକୁ ଦରମା ବୃଦ୍ଧି ଦାବିରେ ଲୋୟର ପିଏମଜିରେ ଅଙ୍ଗନବାଡ଼ି କର୍ମୀମାନେ ଗଣଧାରଣା ଦେଇଛନ୍ତି । ହଜାର ହଜାର ଅଙ୍ଗନବାଡ଼ି କର୍ମୀ ଓ ସହାୟିକା

▶▶ପୃଷ୍ଠା ୭

## କମିବ ଶୀତ, ବଢ଼ିବ ତାପମାତ୍ରା: ହୋଇପାରେ ବର୍ଷା



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଆଗାମୀ ୨୪ ଘଣ୍ଟା ଶୀତର ଲହରୀ ରହିବ। ତା'ପରେ ଧୀରେ ଧୀରେ ପାଗ ପରିବର୍ତ୍ତନ ହେବ। ଆଉ କମିବ ଶୀତ। ଆସନ୍ତାକାଲିଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ଏଥିସହ ରାଜ୍ୟର କେତେକ ଜିଲ୍ଲାରେ ସକାଳେ ଘନ କୁହୁଡି ହୋଇପାରେ। ସେପଟେ କେତେକ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସାମାନ୍ୟ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୪୮ ଘଣ୍ଟା ଭିତରେ କୋରାପୁଟ ଓ କନ୍ଧମାଳରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଟି ସ୍ଥାନରେ ମଧ୍ୟମ ଧରଣର କୁହୁଡି ହୋଇପାରେ। ଏହାଛଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା, ଜଗତସିଂହପୁର, ଅନୁଗୋଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ କୁହୁଡି ହେବାର ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୧୭ ତାରିଖରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ

▶▶ପୃଷ୍ଠା ୭

## ଆଜିଠୁ ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ। ଦୈନିକ ୫ ଘଣ୍ଟା ଧରି ମରାମତି କାମ ହେବାକୁ ଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀଜିଉଙ୍କ ଶୃଙ୍ଖଳିତ ନୀତି ନିର୍ଘଣ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ଘଏଜଓ ଓ ଇଝଓ ପକ୍ଷରୁ ହୋଇଥିବା ଜିପିଆର ସର୍ଭେ ରିପୋର୍ଟ ଆଧାରରେ ଓ ରାଜ୍ୟ ସରକାରଙ୍କ ଏସଓପି ଭିତ୍ତିରେ ହେବ ମରାମତି କାମ। ଉପସ୍ଥିତ ରହିବେ ଏଏସ୍ଆଇର ସଂରକ୍ଷଣ ଓ ରାସାୟନିକ ଆଦି ବିଭାଗର ବରିଷ୍ଠ ବୈଷୟିକ ବିଶେଷଜ୍ଞ। ଏଥିସହ ଡାକ୍ତରୀ ଟିମ, ଅଗ୍ନିଶମ କର୍ମଚାରୀ ଓ ଇଝଓର ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହିବେ। ବଡ଼କଥା ହେଉଛି ମରାମତି କାମ ପାଇଁ ରତ୍ନଭଣ୍ଡାରକୁ ପ୍ରବେଶ କରିବାକୁ ଥିବା ସମସ୍ତେ ସେବାୟତଙ୍କ ଭଳି ପାରମ୍ପରିକ ପୋଷାକ ପରିଧାନ କରିବେ। ଶ୍ରମିକ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଦିଆଯିବ। ବିନା ପରିଚୟପତ୍ରରେ କାହାରିକୁ ଭିତରକୁ ଛଡ଼ାଯିବ ନାହିଁ। ମିଳିଥିବା ସୂଚନା ଅନୁସାରେ ପ୍ରଥମେ ଭିତର ଭଣ୍ଡାର ମରାମତି ହେବ। ଏଥିପାଇଁ ପ୍ରଥମେ ଭାରାବନ୍ଧା କାମ ହେବ। ଏହାପରେ ସଂପୂର୍ଣ୍ଣ କାନ୍ଥର

▶▶ପୃଷ୍ଠା ୭

## ବିଜୟ ପାଲଟିଲେ ବିଜେଡି ଅସନ୍ତୁଷ୍ଟଙ୍କ ସ୍ୱର

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ସତରେ କ'ଣ ଆଇପିଏସ୍ ଡିଏସ୍ କୁଟେ ଓ ଆଶୀଷ ସିଂଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିବା ପଛରେ ହୋଇଛି କିଛି ଡିଲ୍ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ କଥାରେ କେତେ ଦମ୍ ଅଛି ? ଏହି ପ୍ରସଙ୍ଗରେ ପ୍ରାୟ ସପ୍ତାହେ ପରେ ମୁହଁ ଖୋଲିଥିବା ବିଜୟ ନିଜେ ଅସନ୍ତୁଷ୍ଟ ବିଜେଡି ନେତାମାନଙ୍କ ସ୍ୱର ପାଲଟି ଏଭଳି ଅଭିଯୋଗ ଆଣିନାହାନ୍ତି ତ ? 'କହିଁପେ ନିଗାହେଁ କହିଁପେ ନିଶାନା'ଭଳି 'ଡିଲ୍' କଥା କହି ଉଭୟ ବିଜେପି ଓ ବିଜେଡିର ଶୀର୍ଷନେତୃତ୍ୱଙ୍କୁ ଅଡୁଆରେ ପକାଇବାକୁ ଉଦ୍ୟମ କରିଛନ୍ତି କି ? ଏଭଳି ନାନାଦି ଚର୍ଚ୍ଚା ଏବେ ବିଜେଡି ରାଜନୀତିରେ ଆଲୋଚନାର ବିଷୟ ପାଲଟିଛି । ଗତ ସପ୍ତାହରେ ବରିଷ୍ଠ ନେତା ବିଜୟ ମହାପାତ୍ର ବାରିପଦା ଗସ୍ତରେ ଯାଇ ବିଜେଡିର ତଥାକଥିତ ନେତା ପ୍ରଣବପ୍ରକାଶ ଦାସ(ବବି) ଓ ଅନ୍ୟ ବିଜେଡି ନେତାମାନଙ୍କ ସହ 'ମୟୂରଭଞ୍ଜ ମହୋତ୍ସବ'ରେ ଅତିଥି ଭାବେ ଯୋଗ ଦେଇଥିଲେ । ଆଉ ମହୋତ୍ସବରୁ ଫେରିବାର ପ୍ରାୟ ୩ଦିନ ପରେ

▶▶ପୃଷ୍ଠା ୭

## ବିସ୍ଫୋରକ ସହ ୧୩ ନକ୍ସଲ ଗିରଫ

ମାଲକାନଗିରି, ୧୬/୧୨ (ନି.ପ୍ର): ସୀମାନ୍ତ ଛତିଶଗଡର ସୁକମା ପୁଲିସକୁ ମିଳିଛି ବଡ ସଫଳତା। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ବିସ୍ଫୋରକ ନେଉଥିବା ୧୩ ଜଣ ନକ୍ସଲଙ୍କୁ ପୁଲିସ ଗିରଫ କରିବାରେ ସଫଳତା ହାସଲ କରିଛି। ଚିନ୍ତଲନାର ଥାନା ଅଂଚଳର ନକ୍ସଲମାନେ ବୋଲି ପୁଲିସ କହିଛି। ଜିଲ୍ଲା ପୁଲିସ ସହ ସିଆରପିଏଫ ଯବାନ ସର୍ଚ୍ଚ ଅପରେସନ କରିବାକୁ ଚିନ୍ତଲନାର ଥାନା ଅଂଚଳର ଫୁଲନପାଡ ଠାରୁ ତିମାପୁରମ ପର୍ଯ୍ୟନ୍ତ ରହିଥିବା ଜଂଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ ଏହି ନକ୍ସଲମାନେ ଜଂଗଲରେ ଲୁଚି ଲୁଚି ବିସ୍ଫୋରକ ନେଇ ଯାଉଥିବା ଦେଖିବା ପରେ ଯବାନ ସମସ୍ତଙ୍କୁ ଘେରି ଗିରଫ କରିଥିଲେ। ଏହି ନକ୍ସଲମାନେ ହେଲେ ମାଡବି ଭୀମା(୪୦), ମାଡକମ ବାଜିରାଓ(୫୦), ମାଡବୀ ହୁଙ୍ଗା(୨୪),

▶▶ପୃଷ୍ଠା ୭

## ଭିକାରୀଙ୍କୁ ଭିକ ଦେଲେ ପୁଲିସ୍ କେସ୍‌ରେ ଫସିବେ: ନୂଆ ବର୍ଷରୁ ନୂଆ ନିୟମ



ନୂଆଦିଲ୍ଲୀ, ୧୬/୧୨ : ରାସ୍ତାରେ କି ମନ୍ଦିର ପାଖରେ ବସିଥିବା ଭିକାରୀଙ୍କୁ ଟଙ୍କା କିମ୍ବା ଖାଇବା ଦେଉଛନ୍ତି କି ? ତା'ହେଲେ ଏବେ ଠାରୁ ହୋଇଯାଆନ୍ତୁ ସାବଧାନ। କାରଣ ଆପଣଙ୍କ ଏପରି ଦାନ ଅଭ୍ୟାସ ଆପଣଙ୍କୁ ପୁଲିସ କେସ୍ ?ରେ ଫସାଇ ପାରେ। ନୂଆ ବର୍ଷରୁ ସରକାର ଏପରି ନିୟମ ଆଣିବାକୁ ଯାଉଛନ୍ତି। ଯଦି କେହି ଭିକାରୀଙ୍କୁ ନୂଆ ବର୍ଷ ଠାରୁ ଭିକ ଦିଅନ୍ତି, ତା'ହେଲେ ସେମାନଙ୍କ ନାଁରେ ଏଫଆଇଆର ରୁଜୁ କରାଯିବ। ଦେଶର ସବୁଠାରୁ ସଫା ସହର ମାନ୍ୟତା ପାଇଥିବା ମଧ୍ୟପ୍ରଦେଶର ଇନ୍ଦୋରରେ ଏପରି ନିୟମ ଲାଗୁ ହେବାକୁ ଯାଉଛି। ସହରକୁ ଭିକାରୀ ମୁକ୍ତ କରିବା ପାଇଁ ଇନ୍ଦୋର ପ୍ରଶାସନ ଜାନୁଆରୀ ୧ରୁ ନୂଆ ନିୟମ ଲାଗୁ କରିବ। ଯଦି କେହି ଭିକାରୀଙ୍କୁ ଭିକ ଦେଉଥିବା ଜଣାପଡ଼ିବ, ତା'ହେଲେ ଉକ୍ତ ବ୍ୟକ୍ତି/ମହିଳାଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଏଫଆଇଆର ରୁଜୁ କରାଯିବ। ଜିଲ୍ଲାପାଳ ଆଶିଷ ସିଂହ ଏ ସମ୍ପର୍କରେ କହିଛନ୍ତି ଯେ ଇନ୍ଦୋରରେ ଭିକ ମାଗିବା ଉପରେ ସଂପୂର୍ଣ୍ଣ ଭାବେ

▶▶ପୃଷ୍ଠା ୭

## ଡିସେମ୍ବରରେ ମିଳିବ ନାହିଁ ସୁଭଦ୍ରା ଟଙ୍କା: ଯାଞ୍ଚ ପରେ ପାଇବେ ହିତାଧିକାରୀ



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଡିସେମ୍ବରରେ ମିଳିବ ନାହିଁ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା। ୩୦ ତାରିଖ ସୁଦ୍ଧା ସବୁ ପ୍ରକାର ଯାଞ୍ଚ ସରିବା ପରେ ସୁଭଦ୍ରା ଟଙ୍କା ମିଳିବ। ଆଜି ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ସେ କହିଛନ୍ତି, ବର୍ତ୍ତମାନ ପାଇଁ ୪ର୍ଥ ପର୍ଯ୍ୟାୟ କିସ୍ତି ପ୍ରଦାନକୁ ସ୍ଥଗିତ ରଖାଯାଇଛି। ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ସ୍ଥଗିତ ରହିଛି। ସବୁ ପ୍ରକାର ଯାଞ୍ଚ ସରିଲେ, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ୩୦ ତାରିଖ ସୁଦ୍ଧା ସବୁ ପ୍ରକାର ଯାଞ୍ଚ ସରିଯିବ ବୋଲି ଆଶା ରହିଛି। ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ୪ର୍ଥ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ। ୪ର୍ଥ ପର୍ଯ୍ୟାୟ ଟଙ୍କା ମିଳିବା ପରେ କୋଟିଏରୁ ଅଧିକ ମହିଳା ସୁଭଦ୍ରା ଟଙ୍କା ପାଇପାରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ ହିତାଧିକାରୀଙ୍କର ବାୟୋମେଟ୍ରିକରେ ଇ-କେୱାଇସି ଶେଷ ଦେଖାଉଛି, ତେବେ ଅଚିନ୍ତା ରୁହନ୍ତୁ। ଯେଉଁମାନେ ଇ-କେୱାଇସି କରିନାହାନ୍ତି, ସେମାନେ ତୁରନ୍ତ ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରନ୍ତୁ। ଯେଉଁମାନଙ୍କର ଓଟିପି ଜରିଆରେ ଇ-କେୱାଇସି କରିଛନ୍ତ, ସେମାନେ ବି ବାୟୋମେଟ୍ରିକ ପ୍ରକ୍ରିୟାରେ ର-କଣଉ କରିବାକୁ ପଡ଼ିବ। ଇ-କେୱାଇସି ଅପଡେଟ୍ ନଥିବାରୁ ୫ ଲକ୍ଷ ୧୧ ହଜାର ଆବେଦନ ପଡ଼ି ରହିଛି। ସେମାନଙ୍କର ଅଣ୍ଡର ପ୍ରୋସେସ ଦେଖାଉଛି। ସେମାନଙ୍କୁ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର ଯାଇ ର-କଣଉ କରିବାକୁ ପଡ଼ିବ। ଗାଁରେ ଏବେ ଫିଲ୍ଡ ଭେରିଫିକେସନ୍ ଚାଲିଛି। ସମସ୍ତେ ସହଯୋଗ କରନ୍ତୁ। ବ୍ଲକ ଅଫିସ, ସରପଞ୍ଚ ଓ ଅଙ୍ଗନବାଡି କର୍ମୀଙ୍କୁ ନିଜର କୌଣସି ଅସୁବିଧା ଥିଲେ ଅଭିଯୋଗ

▶▶ପୃଷ୍ଠା ୭

## ଇଭିଏମକୁ ନେଇ ବଢ଼ିଲା ଇଣ୍ଡିଆ ବ୍ଲକରେ ଫାଟ: ଏଥର କଂଗ୍ରେସକୁ ଘେରିଲା ଟିଏମସି

ନୂଆଦିଲ୍ଲୀ, ୧୬/୧୨ : ଇଭିଏମ ପ୍ରସଙ୍ଗରେ ଏବେ ବିରୋଧୀ ମେଣ୍ଟ ଇଣ୍ଡିଆରେ ? ଫାଟ ମେଳିବାରେ ଲାଗିଛି। ଇଭିଏମ ହ୍ୟାକ କରି ବିଜେପି ନିର୍ବାଚନରେ ଜିତୁଥିବା କଂଗ୍ରେସ ବାରମ୍ବାର ଅଭିଯୋଗ କରି ଆସୁଛି। ହେଲେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକରେ ଥିବା ଗୋଟିଏ ପରେ ଗୋଟିଏ ଦଳ ଏହା ବିରୋଧରେ ମତ ରଖିବାରେ ଲାଗିଛନ୍ତି। ପ୍ରଥମେ ଇଭିଏମ ହ୍ୟାକ ପ୍ରସଙ୍ଗରେ କଂଗ୍ରେସର ଜମ୍ମୁ-କଶ୍ମୀର ସହଯୋଗୀ ନ୍ୟାଶନାଲ କନଫରେନ୍ସ ଆପତ୍ତି ଉଠାଇଥିଲା। ଏଥିରେ କଂଗ୍ରେସ ତାଳି ପକାଇବାକୁ ଚେଷ୍ଟା କରୁଥିବା ବେଳେ ମମତା ବାନାର୍ଜୀଙ୍କ ଟିଏମସି ମଧ ଇଭିଏମ ପ୍ରସଙ୍ଗରେ ବଡ଼ ମତ ରଖିଛି। ପରୋକ୍ଷରେ



ଟିଏମସି ଇଭିଏମ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛି। ଟିଏମସି ସାଂସଦ ତଥା ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ କହିଛନ୍ତି ଯେ "ଯେଉଁ ଲୋକମାନେ ଇଭିଏମ ଉପରେ ପ୍ରଶ୍ନ ଉଠାଉନ୍ତି, ଯଦି ସେମାନଙ୍କ ପାଖରେ କିଛି ଅଛି, ତା'ହେଲେ ସେମାନେ ନିର୍ବାଚନ କମିଶନଙ୍କ ପାଖରେ ଏହାର ଡେମୋ ଦେଖାନ୍ତୁ। ଯଦି ଇଭିଏମ ଚୟନ ବେଳେ ସବୁ କାମ ଠିକ ଭାବେ ହେଉଛି, ମକ ପୋଲ ବେଳେ ଓ କାଉଣ୍ଟିଂ ବେଳେ ଯଦି ଲୋକମାନେ ଠିକ ଭାବେ କାମ କରୁଛନ୍ତି, ତା'ହେଲେ ମୁଁ ଭାବୁ ନାହିଁ ଯେ ଆସିଥିବା ଅଭିଯୋଗରେ କୌଣସି ସତ୍ୟତା ରହିଛି। ଯଦି କେହି ଭାବୁଛନ୍ତି

▶▶ପୃଷ୍ଠା ୭

## ପଣ୍ଡିତ ଜନାର୍ଦ୍ଦନ ଶତପଥିଙ୍କ ଦ୍ୱାରା ବାଣେଶ୍ୱର ଶୈବ ପୀଠରେ ଗୀତ ପାଠ

ଘଟଗାଁ, ୧୬/୧୨ (ନି.ପ୍ର): ଘଟଗାଁ ନିକଟସ୍ଥ ପୁରାତନ ବାଣେଶ୍ୱର ଶୈବ ପୀଠ ପ୍ରାଙ୍ଗଣରେ ଶ୍ରୀ ବାଳ ଗୋପାଳ ମନ୍ଦିରର ସତସଙ୍ଗ ମଣ୍ଡଳୀ ଦ୍ୱାରା ଗୀତା ଜୟନ୍ତୀ ପାଳନ ହୋଇଯାଇଛି । ପ୍ରତ୍ୟୁଷରୁ ସମସ୍ତ ଗୀତା ପ୍ରେମୀ ଶ୍ରଦ୍ଧାଳୁ ମନ୍ଦିରରେ ଭଜନ କୀର୍ତନ କରିବା ସହ ଗୀତାପାଠ କରିଥିଲେ । ମନ୍ଦିର ପୂଜକ ବୈଦନାଥ ପଣ୍ଡା ଓ ନିତ୍ୟାନନ୍ଦ ପତି ଠାକୁରଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସର ରେ ଗୀତା ମାହାତ୍ମ୍ୟ ସମ୍ବନ୍ଧ ରେ ପଣ୍ଡିତ ଜନାର୍ଦ୍ଦନ ଶତପଥି ପ୍ରବଚନ ପ୍ରଦାନ କରିଥିଲେ । ଏଥିରେ ଗୀତା ପ୍ରେମୀ ମାୟାଧର ବାରିକ, ଉମାକାନ୍ତ ସାହୁ, ବିଜୟ ଶତପଥି, ରାଜକିଶୋର ଦେହୁରୀ, ଶ୍ୟାମସୁନ୍ଦର ଦେହୁରୀ, ପଦ୍ମନାଭ ଦେହୁରୀ, ପ୍ରଭାକର ଦେହୁରୀ, ପଦ୍ମନାଭ ନାଏକ, ଗୁଣନିଧି ରାଉତ, ବିରଂଚି ବେଜ, ଭୀମସେନ ସାହୁ,ଚତୁର୍ଭୁଜ ନାଏକ, ଦୀନକୃଷ୍ଣ ନାଏକ, ପର୍ଶୁରାମ ଦେହୁରୀ, ରମେଶ ଚନ୍ଦ୍ର ଦଳେଇ, ଲକ୍ଷ୍ମଣ ବେହେରା, କ୍ଷି ତି ଜ୍ୟୋତି ଆଶ୍ରାମର ମହାନ୍ତ ଚରମା ନନ୍ଦ ଦାଶ, ବଦ୍ୟ. ମଠର ମହାନ୍ତ ସ୍ୱାମୀ ଅଭୟନନ୍ଦ ପ୍ରମୁଖ ଉପସ୍ଥିତ ରହି ଗୀତାପାଠ କରିଥିଲେ ।

# ୮ ଦିନରେ ଦେୱାନି ମାମଲା ସମାଧାନ

ଜୟପୁର, ୧୬/୧୨ (ନି.ପ୍ର): ଏକ ଦେୱାନୀ ମାମଲା ମାତ୍ର ୮ ଦିନରେ ସମାଧାନ ହୋଇଥିବା ଜଣାଯାଇଛି । ଏହି ସମାଧାନ ଆଜି ଅନୁଷ୍ଠିତ ଲୋକ ଅଦାଲତ ମାଧ୍ୟମରେ ଜୟପୁରସ୍ଥ ବରିଷ୍ଠ ଦେୱାନି ଅଦାଲତର ବିଚାରପତି ସ୍ୱୟଂ ପ୍ରକାଶ ଦାସ କରିଛନ୍ତି । ମାମଲାର ବିବରଣୀ ଅନୁସାରେ ଜୟପୁରର ରାମପ୍ରସାଦ ପଣ୍ଡା ସିଭିଲ୍ କେଶ୍ ନଂ.୧୫୦/୨୦୨୪ ଅନୁସାରେ ଗତ ୬ ତାରିଖ ଦିନ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ସିଭିଲ ପ୍ରକ୍ରିୟା ସଂହିତା(ସଂଶୋଧନ) ଅଧିନିୟମ ୧୯୭୬ର ଆଦେଶ ୨୩ ନିୟମ -୩ ଅନୁସାରେ ପୈତୃକ ସମ୍ପତି ଭାଗବଂଟା ନେଇ ଆବେଦନ ହୋଇଥିବା ଉକ୍ତ ମାମଲାରେ ସେ ପ୍ରତିବାଦୀ ଭାବେ ବସନ୍ତ କୁମାରୀ ପଣ୍ଡା, ସତ୍ୟ ନାରାୟଣ ପଣ୍ଡା, ଭାଗ୍ୟବତୀ ମହାପାତ୍ର, ପୂର୍ଣ୍ଣବତୀ ସାହୁ, ଅନ୍ନପୂର୍ଣ୍ଣା ମହାପାତ୍ରଙ୍କୁ ରଖିଥିଲେ । ଉଭୟ ପକ୍ଷଙ୍କ ଆପୋଷ ବୁଝାମଣା ପିଟିସନକୁ ବିଚାର କରି ବିଚାରପତି ମାମଲାର ଫଇସଲା ଆଜି କରିଥିଲେ । ମାମଲାରେ ରାମ ପ୍ରସାଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅରୁଣ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ଗୌଡ଼ , ବେଦପ୍ରସାଦ ରାମାନୁଜ ପରିଚାଳନା କରିଥିବାବେଳେ ବସନ୍ତ କୁମାରୀ ପଣ୍ଡା ତଥା ପ୍ରତିପକ୍ଷ ପାଇଁ ଆଇନଜୀବୀ ତେଜେଶ୍ୱର ପଣ୍ଡା, ଗଙ୍ଗାଧର ନାୟକ ଲଢୁଥିଲେ । ସେହିପରି ଗତ ୨୫ ତାରିଖ ଦିନ ଆଗତ ହୋଇଥିବା ସମାନ ଧରଣର ଏକ ମାମଲା କେଶ୍ ନଂ ୧୪୫/ ୨୦୨୪କୁ ମାତ୍ର ୨୦ ଦିନ ମଧ୍ୟରେ ଆଜି ବିଚାରପତି ଲୋକ ଅଦାଲତ ମାଧ୍ୟମରେ ଫଇସଲା କରିଛନ୍ତି । ଏଥିରେ ଜୟପୁରର କେଦାର ଗୌରୀ ଦାସ ପୈତୃକ ସମ୍ପତି ବଂଟନ ପାଇଁ ମାମଲା ରୁଜୁ କରିଥିବାବେଳେ ପ୍ରତିବାଦୀ ଭାବେ ସେ ନିଜ ପରିବାର ସଦସ୍ୟା ସନ୍ଧ୍ୟାରାଣୀ ଦାସଙ୍କ ସହ ଅନ୍ୟମାନଙ୍କୁ ରଖିଥିଲେ ।

# ଦେଓଘାଟି ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଜୟପୁର, ୧୬/୧୨ (ନି.ପ୍ର): କୋରାପୁଟ ଜିଲ୍ଲା କୋରାପୁଟ ପଞ୍ଚାୟତ ସମିତି ଅନ୍ତର୍ଗତ ଦେଓଘାଟି ଗ୍ରାମପଂଚାୟତର ଦେଓଘାଟି ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇ ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ମୋଟ ୨୨ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ସନ୍ଧ୍ୟାରେ କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଯୋଗଦାନ କରି ପିଲାମାଙ୍କୁ ପ୍ରଥମେ ଶୁଣ, ତା'ପରେ ଜାଣ ଓ ତା'ପରେ ଜିଣ ବୋଲି ଜୀବନର ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ଓ ପରେ କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମାଝି, ନାରାୟଣ ମାଝି, ବରିଷ୍ଠ ସାମ୍ବାଦିକ ତ୍ରିନାଥ ନାୟକ, ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ପରିଚାଳକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମାଝି ପୂର୍ବ ବିବରଣୀ ପାଠ କରିଥିଲେ । ଅଙ୍କିତା ମାଝି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଦଳଗତ ନୃତ୍ୟ ଓ ଆଦିବାସୀ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ନୃତ୍ୟ ଗୁରୁ ଶତ୍ରୁଘ୍ନ ମାଝିଙ୍କ ଦ୍ୱାରା ପରିବେଷିତ ବାଲିଫୁଲ ଗ୍ରୁପ ନୃତ୍ୟ ତଥା ଶିକ୍ଷକ ନାରାୟଣ ମାଝିଙ୍କ ଗୀତ ସ୍ୱର ତଥା ବିଦ୍ୟାଳୟର ସମସ୍ତଙ୍କ ପ୍ରିୟ ମିତା ଦିଦିଙ୍କ ଗୀତ ଓ କଣ୍ଠସ୍ୱର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ମଂଚ ପରିଚାଳନା ଦାୟିତ୍ୱ ଗୌରୀଶଙ୍କର ମାଝିଓ ନାରାୟଣ ମାଝି ବହନ କରିଥିବା ବେଳେ ଖିରୋଦ ଚନ୍ଦ୍ର ମଲିକ, ଶିବଶଙ୍କର ଟାକ୍ରୀ, ମଧୁସ୍ମିତା ମହାପାତ୍ର, ସୌଦାମିନୀ ପଣ୍ଡା, ମିତାଞ୍ଜଳୀ ନିସିକା, ସଚିନ କୁମାର ସାହୁ, ସଞ୍ଜୀବ କୁମାର ମହାପାତ୍ର, ଜଗଦୀଶ ଖରା, ନରେନ୍ଦ୍ର ନାୟକ, ବିଶ୍ୱନାଥ ମାଝି, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଅରୁଣ, ଲାଲୁ, ରୀତୁ, ପବିତ୍ର, ନାଗରାଜୁ, ସୀତାରାମ ବିଦ୍ୟାଳୟର କ୍ରୀଡ଼ା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

# ରାଜ୍ୟ ସ୍ତରୀୟ ସତ୍ୟସାଇ କ୍ରିକେଟ୍ : ପଂଚୁପାଣ୍ଡବକୁ ହରାଇ କ୍ୱାର୍ଟରରେ ଇନ୍ଦୁପୁର କ୍ରିକେଟ୍ କ୍ଲବ

ଧର୍ମଶାଳା, ୧୬/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୧ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଜାରି ରହିଛି । ଆଜିର ପ୍ରିକ୍ୱାଟର ମ୍ୟାଚରେ ଆଂଚଳିକ ଯୁବ ପରିଷଦ ପଂଚୁପାଣ୍ଡବ କ୍ରିକେଟ୍ ?କୁ ୪୨ ରନରେ ହରାଇ ଜିସିସି ଇନ୍ଦୁପୁର କ୍ରିକେଟ କ୍ଲବ କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ପଂଚୁପାଣ୍ଡବ ପ୍ରଥମେ ଟସ୍‌ରେ ଜିତି ଇନ୍ଦୁପୁର କ୍ରିକେଟ୍ ?କୁ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆକାଶ ନାୟକ ୪୦ ବଲର ସମ୍ମୁଖୀନ ହୋଇ ସର୍ବାଧିକ ୮୭ ଓ ଏମଡି ହୋହେଲ ୨୧ ବଲରୁ ୫୮ ରନ ସଂଗ୍ରହ କରିଥିଲେ । ଜବାବରେ ବିପକ୍ଷ ଦଳର ବୋଲର ଆଶୁତୋଷ ମହାରଣା ୪ ଓଭର ବୋଲିଂ କରି ୩୭ ରନ ଦେଇ ସର୍ବାଧିକ ୩ ଗୋଟି ଉଇକେଟ ନେଇଥିଲେ । ୨୧୬ ରନର ବିଜୟ ଲକ୍ଷ୍ୟ ନେଇ ପଂଚୁପାଣ୍ଡବ ୨୦ ଓଭରର ସମ୍ମୁଖୀନ ହୋଇ ୯ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରି ଏହି ମ୍ୟାଚକୁ ୪୨ ରନରେ ପରାସ୍ତ ହୋଇଥିଲା । ଏହା ସହିତ ଇନ୍ଦୁପୁର ବିଜୟ ଲାଭ କରି କ୍ୱାଟରଫାଇନାଲୋ ପ୍ରବେଶ କରିଛି । ଦଳ ପକ୍ଷରୁ ସୌମ୍ୟ ଶ୍ରୀଚନ୍ଦନ ୪୦ ବଲରୁ ୭୩ ରନ ସଂଗହ କରିଥିବା ବେଳେ ବିପକ୍ଷ ସଳର ବୋଲର ରାଜେଶ ପାତ୍ର ୪ ଓଭର ବୋଲିଂ କରି ୩୩ ରନ ଦେଇ ୫ଗୋଟି ଉଇକେଟ ନେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଲାଙ୍ଗୁଡି ପାହଡ ସୁରକ୍ଷା ମଂଚର ସଭାପତି ଆଲୋକ ଜେନାସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜେଶ ପାତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ସୌମ୍ୟ ରଂଜନ ଦାସ ଓ ସନ୍ତୋଷ ପତି ପରିଚାଳନାରେ ସହଯୋଗ କରିଥିଲେ ।

# ମାହେଶ୍ୱରୀ ସେନା ବଲାଙ୍ଗିରର ବାର୍ଷିକ ବନ୍ଧୁମିଳନ

ବଲାଙ୍ଗିର, ୧୬/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଛତାମଖନା ସ୍ଥିତ କିରାବାହାଲ ନୂତନ ନିର୍ମିତ ଚେକ୍‌ଡ୍ୟାମ ଠାରେ ମା ମାହେଶ୍ୱରୀ ସେନା, ବଲାଙ୍ଗିରର ବାର୍ଷିକ ବନ୍ଧୁମିଳନ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ବୈଠକରେ ମା ମାହେଶ୍ୱରୀ ସେନାର ସେବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ଆଲୋଚନା କରାଯିବା ସହିତ କିପରି ସମସ୍ତ ଗ୍ରାମ୍ୟ ସ୍ତରରେ ଠିକ୍ ଭାବେ ପହଂଚି ପାରିବ ଓ ସଂଗଠନରେ ଆହୁରି ସଦସ୍ୟ ଯୋଡି ହୋଇ ପାରିବେ ସମସ୍ତ ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ତା ସହିତ ଆଗାମୀ ଦିନରେ ମା ମାହେଶ୍ୱରୀ ସେନା ଦ୍ୱାରା ଆୟୋଜିତ ୪ତମ ମାହେଶ୍ୱରୀ ମହୋତ୍ସବ କିପରି ସୁଚାରୁରୂପେ ପରିଚାଳିତ ହେବ ଆଲୋଚନା କରାଯାଇଥିଲା । ବୈଠକରେ ସଂଗଠନର ନିୟମାବଳୀ ଉପସ୍ଥାପିତ ହୋଇଥିଲା । ମା ମାହେଶ୍ୱରୀ ସେନା ସମସ୍ତ ସଦସ୍ୟ ବୃନ୍ଦ ଆଗାମୀ ଭବିଷ୍ୟତରେ ଅଧିକ ଶୃଙ୍ଖଳିତ ରହିବା ସହ ଲୋକଙ୍କ ସେବା ଯୋଗାଇ ଦେବା ପାଇଁ ସଂଗଠନର ସୁରେଶ କମ୍ପ, ଅରୁଣ ପଲତା, ପାର୍ଥ କର୍ଣ୍ଣ, ମନୋଜ ଖମାରୀ, ମନୋଜ କରଣ, ରବି କର୍ମି, ସଞ୍ଜିତ ମହାକୁର, ସନ୍ତୋଷ ମହାକୁର, ପୁରୁଷୋତମ କର୍ଣ୍ଣ, ନବିନ ପଧାନ, ଶତ୍ରୁଘ୍ନ ପାତ୍ର, ସୌମ୍ୟରଞ୍ଜନ ପଧାନ, ସୁମନ୍ତ ପଦାନ, ମୋହନ ମହାକୁର, ମହାଦେବ ମହାକୁର, ବିକାଶ ମେଲ୍ଲି, ବଳିଆର ବସ୍ତିଆ, ଲକ୍ଷ୍ମିକାନ୍ତ ମହାକୁର, ପ୍ରଶାନ୍ତ କର୍ମି, ଜିତୁ ଚାଉଳିଆ ମତ ପ୍ରକାଶ କରିଥିଲେ ।

# ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବଲାଙ୍ଗିର, ୧୬/୧୨ (ନି.ପ୍ର): ସ୍ଥାନୀୟ ପି.ଆର. ଖେଳ ପଡିଆରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନି ଉତ୍ସବରେ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇ ଶିକ୍ଷା ସାଙ୍ଗକୁ କ୍ରୀଡାର ଆବଶ୍ୟକତା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନି ଉତ୍ସବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପି.ଆର.ହାଇସ୍କୁଲର ଅତିତରେ ଥିବା କ୍ରୀଡାବିଦ୍ ମାନଙ୍କ ଭୂୟସିଂ ପ୍ରଶଂସା ସେମାନଙ୍କ ଆଦର୍ଶ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ଯୋଗଦେଇ ବଲାଙ୍ଗିର ଜିଲ୍ଲାର କ୍ରୀଡା କ୍ଷେତ୍ରରେ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଯୁବ କ୍ରୀଡା ଶିକ୍ଷକ ସୌରଭ ପ୍ରଧାନ ବାର୍ଷିକ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ବିକାଶ ରଂଜନ ସାହୁ ମଂଚ ସଂଯୋଜନା କରିଥିଲେ । ଅନୁଷ୍ଠିତ କ୍ରୀଡା ଉତ୍ସବରେ ବରିଷ୍ଠ ବର୍ଗରେ ତୁଷାରକାନ୍ତ ମଲ୍ଲିକ ଏବଂ କନିଷ୍ଠ ବର୍ଗରେ ମୋହିତ ରୋହିଦାସ ଗ୍ରୁପ ଚମ୍ପିୟାନ ଭାବେ କୃତିତ୍ୱ ହାସଲ କରିଥିଲେ । ବିଦ୍ୟାଳୟର ଶିକ୍ଷିକା ସିଦ୍ଧିପ୍ରଦା ପଣ୍ଡା ଓ ବର୍ଷାରାଣୀ ସାହୁ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷିକା ଏବଂ କର୍ମଚାରୀବୃନ୍ଦ ତଥା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଗୁରୁ ଛାତ୍ରମାନେ ସହଯୋଗ କରିଥିଲେ ।

# ମୌଳିକ ସୁବିଧାରୁ ବଂଚିତ ସିଉନାପଦର ଓ କର୍ତାସ ଗ୍ରାମବାସୀ

ଜୟପୁର, ୧୬/୧୨ (ନି.ପ୍ର): ପାହାଡିଆ ଗାଁ କୁ ପହଂଚିନି ବିକାଶ । ଯଦ୍ୱାରା ବଦଳି ପାରିଲାନି ପାହାଡିଆ ଗାଁ ର ନକ୍ସା । ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ । ଗାଁ କୁ ରାସ୍ତା ନଥିବାରୁ ଜୀବିକା ପାଇଁ ଜଙ୍ଗଲୀ ପାହାଡିଆ ପାଦଚଲା ରାସ୍ତା ହିଁ ଏମାନଙ୍କ ଜୀବନ ରେଖା । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ହରଡ଼ାଗୁଡା ପଂଚାୟତର ଏଭଳି ଦୁଇ ଗାଁ ସିଉନାପଦର ଓ କର୍ତାସ ଗ୍ରାମ । ପ୍ରକୃତିର କୋଳରେ ବିତୁଛି ଅଭିସପ୍ତ ଜୀବନ । ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି .. ନା ପାନୀୟ ଜଳର ସୁବିଧା ହେଇଛି । ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ । ବାଧ ହୋଇ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ତିନିଟି ପାହାଡ ଦେଇ ସେସବୁକୁ ଅନ୍ୟ ଗାଁ ରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାନ୍ତି ଏମାନେ । କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି । ଗାଁ ରେ ବିଦ୍ୟୁତ ସେବା ୮ ମାସ ହେବ ବନ୍ଦ । ଦୁଇ ଗାଁ ରେ ସନ୍ଧ୍ୟା ହେବା କ୍ଷଣି ଅନ୍ଧାର ରାଜୁତି କରେ । ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଂଚଳ ରେ ଅପହଂଚ । ଏଭଳି ଦୁଇ ପାହାଡିଆ ଗାଁ ହେଉଛି ବୋରିଗୁମ୍ମା ବ୍ଲକର ସିଉନା ପଦର ଓ କର୍ତାସ । ପଂଚାୟତ ସଦର ମହକୁମା ଠାରୁ ୧୨ କି.ମି. ଦୂରରେ ଅବସ୍ଥିତ ଏହି ଗାଁ । ଗାଁ କୁ ଯିବାକୁ ହେଲେ ଭାଲୁ ମହଲ ଠାରୁ ୫ କିଲୋମିଟର ଘଂଚ ଜଙ୍ଗଲ ମଝିରେ ଅଙ୍କାବଙ୍କା ସଂକୀର୍ଣ୍ଣ ପଥରିଆ ପାଦଚଲା ରାସ୍ତାରେ ତିନିଟି ପାହାଡ଼ ଅତିକ୍ରମ କରିବା ପରେ ପଡେ ଏହି ଦୁଇ ଗାଁ ସିଉନା ପଦର ଓ କର୍ତାସ । ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇପାରିନି । ସିଉନାପଦର ଗାଁରେ ୩୦ ପରିବାର ୧୫୦ ରୁ ଉର୍ଦ୍ଧ ସଦସ୍ୟ ବସବାସ କରୁଥିବା ବେଳେ ସେହି ଗାଁ ପାଖକୁ ଲାଗି ରହିଛି ସିଙ୍ଗାରି ନଦୀ । ନଦୀ ସେପଟ ହେଉଛି କର୍ତାସ ଗାଁ । ଏହି ଗାଁ ରେ ୨୦ରୁ ଉର୍ଦ୍ଧ ପରିବାର ରୁହନ୍ତି । ଦୁଇଟି ଯାକ ଗାଁ ରେ କନ୍ଧ ସମ୍ପ୍ରଦାୟର ୫୦ ପରିବାର ରୁହନ୍ତି । ବର୍ଷ ବର୍ଷ ଧରି ଗ୍ରାମକୁ ଖଣ୍ଡିଏ ରାସ୍ତା ବି ସଂଯୋଗ ହୋଇପାରୁନି । ପାଦଚଲା ସଂକୀର୍ଣ୍ଣ ଜଙ୍ଗଲ ପଥରିଆ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ । ସ୍କୁଲ ପିଲା ଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପଥରିଆ ରାସ୍ତା ରେ ୫ କି.ମି. ଯିବାକୁ ପଡେ । ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଂଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି । ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଉଚିତ ବ୍ୟବସ୍ଥା ହୋଇନି । ବହୁ ବର୍ଷତଳର ଏକ ନଳକୂପ ରହିଛି ସେଥିରୁ ପାଣି ବାହାରୁନି । ଫଳରେ ଗାଁ ନିକଟରେ ଥିବା ସିଙ୍ଗାରି ନଦୀର ପାଣି ଏମାନଙ୍କ ଭରସା । ଦୁଇ ଗାଁ ରେ କୌଣସି ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିନାହିଁ । ଗାଁ ରେ ଅଙ୍ଗନୱାଡି କେନ୍ଦ୍ର ନାହିଁ କି ସ୍କୁଲ ନାହିଁ । ଫଳରେ କୁନି କୁନି ଶିଶୁ ଓ ଗର୍ଭବତୀ ମହିଳାମାନେ ପୃଷ୍ଟିକର ଖାଦ୍ୟ ପାଇବାରୁ ବଂଚିତ ହୋଇଛନ୍ତି । ପିଲାମାନେ ବହି ଧରିବା ବୟସରେ ଗାଈ ଗୋରୁ ଚରାଳୀ ପାଲଟିଛନ୍ତି । ଶିକ୍ଷାର ଅଭାବ କାରଣରୁ ଏମାନଙ୍କ ଭାଷା ଗତ ସମସ୍ୟା ସବୁ ବେଳେ ଉପୁଜେ । ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି । ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ୫ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ଭାଲୁମହାଲ କିମ୍ବା ଲାଠିକଟାର ଆଣିଲେ ସେଠାରୁ ଆମ୍ବୁଲାନ୍ସରେ କାଠରଗଡା ମେଡ଼ିକାଲ ଯାଆନ୍ତି । ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲ ଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ । ଗତ ବର୍ଷ ଏହି ଦୁଇ ଗାଁ କୁ ବିଦ୍ୟୁତ ସଂଯୋଗ ହୋଇଥିଲା, କିନ୍ତୁଏକ ମାସ ମଧ୍ୟରେ ବିଦ୍ୟୁତ ସେବା ବନ୍ଦ ହୋଇଗଲା । ୧୦ ମାସ ହେବ ଦୁଇ ଗାଁ ପୁରା ଅନ୍ଧାରରେ ରହିଛି । ଗାଁ ରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା, ଭାଲୁ ମହଲ ଠାରୁ ସିଉନାପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ବନ୍ଦ ହୋଇ ପଡ଼ିଥିବା ପାଣିପାଇପରେ ପାନୀୟ ଜଳର ଯୋଗାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ ।

ଏହି ଦୁଇ ଗାଁ କୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଂଚିପାରୁନି । କିଛି ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ ବି ଘର ନିର୍ମାଣ ପାଇଁ ବାଲି, ରଡ଼ ଓ ସିମେଂଟ ନେଇ ପାରୁ ନାହାନ୍ତି ଏଣୁ ସମସ୍ତ ଘର ନିର୍ମାଣ କାର୍ଯ୍ୟ ହୋଇପାରିନି । ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ବି ପଡୁନି ଏହି ଦୁଇ ଗାଁ ରେ । ଏସବୁ ସମସ୍ୟାକୁ ନେଇ ପ୍ରଶାସନ ଓ ରାଜନେତାଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି କେବଳ ଭୋଟ ସମୟରେ ଦେଖା ଦେଉଛନ୍ତି ପରେ ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ପାଖରେ ଅନେକ ଥର ଦାବିପତ୍ର ଦେଇଛନ୍ତି ଗ୍ରାମବାସୀ । ଏଣୁ ରାଜ୍ୟର ନୂଆ ବିଜେପି ସରକାରଙ୍କୁ ଗାଁ ରେ ବିଦ୍ୟୁତ, ରାସ୍ତା ଓ ପିଇବା ପାଣିର ସୁବିଧା କରିବା ନେଇ ଗ୍ରାମବାସୀ ନିବେଦନ କରିଛନ୍ତି । ବର୍ଷ ବର୍ଷ ଧରି ଶିକ୍ଷା ସ୍ୱାସ୍ଥ୍ୟ, ପାନୀୟଜଳର ସମସ୍ୟା ରହିଛି ।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ ସମ୍ପନ୍ନ

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ ପାଳନ ହୋଇ ଯାଇଛି । ପବିତ୍ର ପଣ୍ଡୁ ପୂର୍ଣ୍ଣମା ତିଥିରେ ପୁରାଣ ବର୍ଣ୍ଣିତ ଘଟଣା ଅନୁଯାଇ ଦ୍ୱାପର ଯୁଗରେ ପ୍ରଭୁ ବଳରାମ ଦୁର୍ଦ୍ଦାନ୍ତ ଦାନବ ଧେନୁକାସୁର କୁ ତାଳ ବଣରେ ହଳମୂଷଳ ପ୍ରହାର କରି ବଧ କରିଥିଲେ । ସେହି ପ୍ରାଚୀନ ପରମ୍ପରା ପାଳନ ଅନୁଯାଇ ଆଜି ପଣ୍ଡୁ ପୂର୍ଣ୍ଣମୀ ତିଥିରେ ଜୀଉମାନଙ୍କ ସଂନ୍ଧ୍ୟା ନୀତି ପରେ ବେଶ ଅନୁଷ୍ଠିତ ହୋଇଥିଲା । ପରେ ପରେ ଆଳତୀ କରାଯାଇ ଦର୍ଶକ ମାନଙ୍କ ପାଇଁ ମନ୍ଦିର ଉନ୍ମୁକ୍ତ ରହିଥିଲା । ବେଶ ଉଲାଗି ପରେ ଜୀୟୁ ମାନଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ପୂଜାକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବେଶ ଦେଖିବା ପାଇଁ ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁଙ୍କ ଗହଳି ମନ୍ଦିର ରେ ଲାଗି ରହିଥିଲା ।

# ଗଳ୍ପ ସଙ୍କଳନ 'ଜୀବନର ଅନ୍ତଃସ୍ୱର' ଲୋକାର୍ପିତ

ଧର୍ମଶାଳା, ୧୬/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତସ୍ଥ ହରିବୋଲିଆ ମଠ ପରିସରରେ ଶିକ୍ଷାବିତ୍ ପ୍ରଭାକର ମଣ୍ଡଳଙ୍କ ଗଳ୍ପ ସଙ୍କଳନ 'ଜୀବନର ଅନ୍ତଃସ୍ୱର' ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସୁସାହିତ୍ୟିକ ଡ. ମହେଶ୍ୱର ଜେନସାମନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସୁନାମଧନ୍ୟ କବି ତଥା ସୁସାହାର୍ତ୍ୟିକ ବୈଷ୍ଣବ ଚରଣ ସାମଲ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ପ୍ରବଚକ ବିଭୁତି ଭୂଷଣ ପାଳ ଓ ସୁସାହିତ୍ୟିକ ଡ. ସୁନାକର ଦାସ ଯୋଗଦେଇ ଗଳ୍ପ ହେଉଛି ମଣିଷ ଜୀବନର ଏକ ଅଂଶ । ସମ୍ପ୍ରତି ସମାଜରେ ଯାହା ଘଟିଥାଏ ତାହା ଗଳ୍ପରେ ବନ୍ଧା ଯାଇଥାଏ । ଅତିତର ଗଳ୍ପ ଓ ଆଜି ଗଳ୍ପ ଭିତରେ ବହୁତ ତାରତମ୍ୟ ରହିଛି । ଯୁବ ପିଢୀମାନଙ୍କୁ ଆଧାର କରି ଆଜିର ଗଳ୍ପ ସଙ୍କଳନ କରାଯାଉଛି । ଯାହାକି ପାଠକମାନଙ୍କୁ ଆକୃଷ୍ଟ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଶ୍ୱର ଚନ୍ଦ୍ର ଜେନା, ଅନନ୍ତ କିଶୋର ମହାନ୍ତି, ମଧୁସୁଦନ ଖୁଂଟିଆ, ବାବୁଲି ଚରଣ ଦଣ୍ଡପାଟ, ବିବେକାନନ୍ଦ ମଣ୍ଡଳ, ବଳରାମ ମହାନ୍ତି, ନାରାୟଣ ଚନ୍ଦ୍ର ଦାସ, ମନୀଷା ମଣ୍ଡଳ ଓ ତ୍ରୈଲୋକ୍ୟ ନାଥ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଅତିଥିମାନେ ଗଳ୍ପ ସଙ୍କଳନ 'ଜୀବନର ଅନ୍ତଃସ୍ୱର'କୁ ଲୋକାର୍ପିତ କରିଥିଲେ । ଶିକ୍ଷାବିତ ତଥା ଲେଖକ ପ୍ରଭାକର ମଣ୍ଡଳ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ହୃଷିକେଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଚିତ ରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ କବି, ସୁସାହିତ୍ୟିକ ଓ ଶିକ୍ଷାବିତ ଯୋଗ ଦେଇଥିଲେ ।

# ଜିଲ୍ଲାରେ ଶିଳ୍ପ ସଂଖ୍ୟା ୫ ହଜାରରୁ ଅଧିକ: ଡିଆଇସି ଅଫିସରେ କର୍ମଚାରୀ ଅଧିକାରୀ ସଂଖ୍ୟା ୨୮ ଜାଗାରେ ୭

ରାଉରକେଲା, ୧୬/୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା, ଏକଦା ଶିଳ୍ପ ଲାଗି ଅନେକ ସୁନାମ ଅର୍ଜନ କରିଛି, ଷ୍ଟିଲ ସିଟି ଭାବେ ପରିଚିତ, ହେଲେ ଏଠାରେ ଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ଡିଆଇସି ଅଫିସ ଏକ ପ୍ରକାର ଖାଲି ପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଜିଲ୍ଲାରେ ଶିଳ୍ପ ସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ ହୋଇଥିଲେ ବି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ ଜାଗାରେ ୭ ରହିଛି । ଏହି ଅଫିସ ଦ୍ୱାରା ବ୍ଲକ ସହରରେ ଥିବା କଳକାରଖାନା ଗୁଡିକ ସରକାରୀ ସହାୟତା ପାଇବା ସହ ନିୟନ୍ତ୍ରଣ ମଧ୍ୟ ହୋଇଥାନ୍ତି, ଆଗରୁ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପ ଥିଲା, ଏବେ ରାଜ୍ୟ ଓ କେନ୍ଦ୍ର ସରକାର ବର୍ତମାନ ଅନେକ ଯୋଜନା କରୁଛନ୍ତି ଫଳରେ ଏହି ଅଫିସ ଉପରେ ଯୁବକ ଯୁବତୀ ଅଧିକ ନିର୍ଭର କରିଥାନ୍ତି ହେଲେ ସେମାନଙ୍କୁ ସାହାଯ୍ୟ କରିବା ସଂଖ୍ୟା କର୍ମଚାରୀ ଅଧିକାରୀଙ୍କ ସଂଖ୍ୟା ଏଇଆ । ଖବରରୁ ଜଣାପଡିଛି ଯେ, ଏହି କାର୍ଯ୍ୟାଳୟ ର ସରକାରୀ ଭାବେ କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ ରହିବା କଥା, ହେଲେ ବିଗତ ବର୍ଷ ଗୁଡିକରେ ଅବସର ହୋଇ ୨୧ ପଦବୀ ଖାଲି ପଡିଛି । ଏଠାରେ ଜେନେରାଲ ମ୍ୟାନେଜର ଠାରୁ ଆରମ୍ଭ କରି ଜୁନିଅର ଷ୍ଟେନୋ, ସିନିଅର ଷ୍ଟେନୋ, ସିନିଅର ଷ୍ଟେନୋ ଡେପୁଟି ମ୍ୟାନେଜର ସମେତ ୫ ଏଆଇଓ ପଦବୀ ସମେତ ୨୧ ପଦବୀ ଖାଲି ପଡିଛି । ରାଉରକେଲା ସମେତ ଜିଲ୍ଲାରେ ଅନେକ ବିଧାୟକ ଗତ ୨୪ ବର୍ଷରେ ଆସିଲେ ଗଲେ, ହେଲେ କାହାର ନଜର ଏହା ଉପରେ ପଡିଲା ନାହିଁ । ଫଳରେ ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପାଂଚଳର ମୂଲ୍ୟବାନ ଜାଗା ଓ ସେଡ ଗୁଡିକ ବଣ ଜଙ୍ଗଲ ଓ ଅସାମାଜିକ ମାନଙ୍କ ଅଡ୍ଡା ସ୍ଥାନ ପାଲଟିବାରେ ଲାଗିଛି । କେହି କେହି ଏହା ଭିତରେ ଘର କରି ରହିଲେଣି କଳକାରଖାନା ଲାଗି ସରକାର ଠାରୁ ଜାଗା ନପାଇ ସରକାରୀ ଜାଗା ଜବରଦଖଲ ହେବାରେ ଲାଗିଛି । ଶିଳ୍ପ ନାମରେ, ଛେଣ୍ଡ କଲୋନୀରେ ଏଭଳି ଅନେକ ଜାଗା ଦାଖଲ ହୋଇଛି ଓ ହେବାରେ ମଧ ଲାଗିଛି । ଏଭଳି ଅବ୍ୟବସ୍ଥା ଅସଜଡ଼ା ବ୍ୟବସ୍ଥାକୁ ସଜାଡ଼ିବାକୁ ଏଠାରେ ଲୋକ ମଧ୍ୟ ନାହାନ୍ତି, ଏହାପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନେକ ଯୋଜନା କେତେ ଆଗେଇଲା ସେ ନେଇ ବାରମ୍ବାର ଅଫିସ ବାଲାଙ୍କୁ ମଧ ତାଗିଦ୍ ପରେ ତାଗିଦ୍ ବଢି ଚାଲିଛି କିନ୍ତୁ ଏ ଅଫିସ ଦ୍ୱାରା ଲୋକେ ଯେତିକି ଫାଇଦା ପାଇବା କଥା ତାହା ମିଳିବା କମି ଯାଉଛି । ସଠିକ୍ ସମୟରେ ସବୁକାମ ହୋଇପାରୁନାହିଁ । ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସିନିୟର ଇନଟ୍ରା କ୍ଲବ କ୍ରିକେଟ ମ୍ୟାଚ ଉଦ୍‌ଯାପିତ : ଏନସିଏ ବଲାଙ୍ଗିର ବିଜେତା ଓ ଏମପିସିସି ପାଟଣାଗଡ ଉପବିଜେତା

ବଲାଙ୍ଗିର, ୧୬/୧୨ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ଦୁଇଟି ଗୃପ ଗଠନ କରାହୋଇଥିଲା । ଉଭୟ ଗୃପରେ ୫ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଉଭୟ ଗୃପର ଚମ୍ପିୟାନଙ୍କ ମଧ୍ୟରେ ଆଜି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଆଜି ଟସ୍ ଜିଣି ଏମପିସିସି ପାଟଣାଗଡ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ଏନସିଏ ଦଳ ସମୁଦାୟ ୧୮୬/୧୦ ରନ୍ ସଂଗ୍ରହ କରି ଅଲ ଆଉଟ ହୋଇଯାଇଥିଲେ । ଦଳ ପକ୍ଷରୁ ଅଂଶୁମାନ ମିଶ୍ର ସର୍ବାଧିକ ୮୧ ରନ୍ ଓ ସୁବାଶିଷ ମିର୍ଦ୍ଧା ୨୬ ରନ୍ ସଂଗ୍ରହ କରିଥିଲେ । ପାଟଣାଗଡ ଦଳ ତରଫରୁ ସଫଳ ବୋଲର ଭାବରେ ହର ବେଂଟାକର ୪ ଗୋଟି, ଅମିତ ରାଉତ ୩ ଗୋଟି ଓ ସୁଜିତ ଜେନା ୨ ଗୋଟି ୱିକେଟ ନେଇଥିଲେ । ୧୮୭ ରନ୍ ର ବିଜୟ ଲକ୍ଷ୍ୟକୁ ନେଇ ପଡିଆକୁ ଓହ୍ଲାଇଥିବା ଏମ୍ ?ପିସିସି ପାଟଣାଗଡ ଦଳ ମାତ୍ର ୮୫ ରନ୍ ସଂଗ୍ରହ କରି ଅଲ୍ ଆଉଟ ହୋଇଯାଇଥିଲେ । ଏନ୍ ?ସିଏ ଦଳ ତରଫରୁ ସଫଳ ବୋଲର ଭାବରେ ସଫଳ ବୋଲର ଭାବରେ ସତ୍ୟଜିତ ସିଂଦେଓ ସର୍ବାଧିକ ୫ ଗୋଟି ୱିକେଟ ନେଇଥିବା ବେଳେ ଆୟୁଷ୍ମାନ ଦାଶ ଓ ଯୋଗେଶ୍ୱର ବାଗ ୨ଗୋଟି ଲେଖାଏଁ ୱିକେଟ ନେଇଥିଲେ । ଆଜିର ଏହି ଫାଇନାଲ ମ୍ୟାଚରେ ଅଂଶୁମାନ ମିଶ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସତ୍ୟଜିତ ସିଂଦେଓ ଙ୍କ ବେଷ୍ଟ ବୋଲର ପୁରସ୍କାର ଦିଆଯାଇଥିଲା । ଆଜିର ଏହି ମ୍ୟାଚକୁ ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବା ବେଳେ ସ୍ୱାଗତ ଶୁଭଙ୍କର ଓ ଜଗପତି ନାଏକ ସ୍କୋର ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି ଉଦ୍‌ଯାପନି ଉତ୍ସବରେ ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ଶତୃଘନ ସିଂ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ ଓ ଫୁଟବଲ ସଂପାଦକ ଶରତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ପିପି ଏକାଡେମୀ ପୁରାତନ ଛାତ୍ରଙ୍କ ପକ୍ଷରୁ ରକ୍ତଦାନ

ବଲାଙ୍ଗୀର, ୧୬/୧୨ (ନି.ପ୍ର): ପିପି ଏକାଡେମି ସ୍କୁଲର ହୀରକ ଜୟନ୍ତୀ ପାଇଁ ପୁରାତନ ଛାତ୍ରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ସ୍କୁଲର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ହୀରକ ଜୟନ୍ତୀକୁ ମହାସମାରୋହରେ ପାଳନ କରିବା ପାଇଁ ଉତ୍ସାହୀ ପୁରାତନ ଛାତ୍ରମାନେ ନିଜ ପତ୍ନୀ ଓ ସନ୍ତାନଙ୍କ ସହ ରକ୍ତଦାନ କରିବା ଦେଖାଯାଇଥିଲା । ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ, ରାକେଶ କୁମାର ପଣ୍ଡା, ସଞ୍ଜୀବ କୁମାର ବାବୁ, ସମ୍ବିତ କୁମାର ପଣ୍ଡା, ସନ୍ତୋଷ କୁମାର ଦାଶ, ପ୍ରଶାନ୍ତ କୁମାର ପଣ୍ଡା, ରଞ୍ଜୁ ରାଣୀ ସୁବୁଦ୍ଧି, ଧିରଜ କୁମାର ସାହୁ, ଥାକୁର କୁମର ସେଠ, ମଦନ ମୋହନ ପୁରୋହିତ, ଦୀପକ କୁମାର ପଣ୍ଡା, ରବିଶଙ୍କର ଦାଶ, ଆଶିଷ କୁମାର ସାହୁ, ବାପୁନି କୁମାର ସାହୁ, ସଞ୍ଜିବ କୁମାର ସାହୁ, ନବ କିଶୋର ବେହେରା, ଦେବାଶିଷ ସାହୁ, ହିମାଂଶୁ କୁମାର ପଟ୍ଟନାୟକ, ମାଧବ ଚରଣ ସାହୁ, ଦେବୀ ପ୍ରସାଦ ବନଛୋର, ସୁନାଦେବ ବନଛୋର, ରଞ୍ଜୟ ଦାସ, ସୁଶାନ୍ତ କୁମାର ତ୍ରିପାଠି, ସୟେଦ ସାହିଦ ହୁସେନ, ସୌମ୍ୟଶକ୍ତି ଦାଶ, କିଶନ କୁମାର ହନୁମାନ, ଶେଖ ସାଜିଦ ହୁସେନ ପ୍ରମୁଖ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ହୀରକ ଜୟନ୍ତୀ କମିଟୀର ଉପସଭାପତି ହେମନ୍ତ କୁମାର ପଣ୍ଡା ସଂଯୋଜନା କରିଥିଲେ । କୋଷାଧକ୍ଷ ଦତାନନ୍ଦ ପଣ୍ଡା, ସୟେଦ ଅଫତାବ ହୁସେନ, ଶେଖର ସେଠ ଓ ମନୋରଂଜନ ସାହୁ ପରିଚାଳନା କରିଥିଲେ । ସଭାପତି ଶଶି ଭୂଷଣ ପୁରୋହିତଙ୍କ ସହ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ । ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ

ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି। ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ। କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ। ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା।

ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ। ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି।

ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ। ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ। ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ। ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି।

ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି।



# ଶାକାହାରୀ ବ୍ୟକ୍ତି କିପରି ପାଇବେ ଭିଟାମିନ୍ ବି୧୨: ଏହିସବୁ ଖାଦ୍ୟ ଦେବ ଲାଭ

ଭିଟାମିନ୍ ବି ୧୨ ଡିଏନ୍ଏ ସିନଟ୍ଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ଲୋକମାନଙ୍କ ପାଖରେ ଯେତେବେଳେ ଭିଟାମିନ୍ ବି ୧୨ ର ଅଭାବ ପଡେ, ଏଥିପାଇଁ ସେମାନେ ସପ୍ଲିମେଣ୍ଟ ନିଅନ୍ତି। ଭିଟାମିନ୍ ବି ୧୨ ଡିଏନ୍ଏ ସିନଟ୍ଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ତଥାପି, ଏମିତି ଅନେକ ଶାକାହାରୀ ଖାଦ୍ୟ ଅଛି ଯାହା ଭିଟାମିନ୍ ବି ୧୨ ର ଅଭାବକୁ ପୂରଣ କରିପାରିବ। ଶାକାହାରୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଭିଟାମିନ୍ ବି ୧୨ ଥିବା ଖାଦ୍ୟ ଖାଇପାରିବେ। ଏହି ଭିଟାମିନ୍‌ର ବଡ ଉତ୍ସ ଥିବା କେତେକ ଖାଦ୍ୟ ବିଷୟରେ ଆସନ୍ତୁ ଜାଣିବା।

**ଫର୍ଟିଫାଇଡ୍ ଫୁଡ୍:**

ପୁରା ଶସ୍ୟ, ଉଭିଦ ତେଲ ଇତ୍ୟାଦି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ ର ଏକ ଉତ୍କୃଷ୍ଟ ଉତ୍ସ। ଉଭିଦ ଭିତ୍ତିକ ଦୁଗ୍ଧ, କେତେକେ ଶସ୍ୟ ପରି ଅନେକ ଖାଦ୍ୟ ଭିଟାମିନ୍ ବି ୧୨ରେ ଭରପୂର। ଏହି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ଏକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିପାରିବ।



**ଫର୍ମିଟେଡ୍ ଫୁଡ୍**

ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ସମ୍ଭାବ୍ୟ ଉତ୍ସ ଭାବରେ ଫର୍ମିଟେଡ୍ ଫୁଡ୍(ଆଚାର ଜାତୀୟ) ମଧ୍ୟ ପରାମର୍ଶ ଦିଆଯାଏ। ଅବଶ୍ୟ, ଫର୍ମିଟେଡ୍ ଫୁଡ୍ ଭିଟାମିନ୍ ବି ୧୨ ର ପରିମାଣ ଭିନ୍ନ ହୋଇଥାଏ ଏବଂ ଅନେକ କାରଣ ଉପରେ ନିର୍ଭର କରିପାରେ।




**କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ**

ଶାକାହାରୀ ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ବି ୧୨ ପାଇବା ପାଇଁ ସହଜ ଉପାୟ ହେଉଛି ଦୁଗ୍ଧଜାତ ଦ୍ରବ୍ୟ ଖାଇବା। ଖାଦ୍ୟରେ କ୍ଷୀର, ଦହୀ ଏବଂ ଅନ୍ୟାନ୍ୟ ଜିନିଷ ସାମିଲ କରନ୍ତୁ।



**ବିଟ୍ସ:**

ବିଟ୍ସରେ ଆଇରନ୍, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ ବି ୧୨ ଭରପୂର ମିଳେ। ବିଟ୍ସ ନିୟମିତ ଖାଇବା ଦ୍ୱାରା ଚୁଟି ବଢିବାରେ ସାହାଯ୍ୟ କରେ, ଚର୍ମକୁ ଚମକାଇଥାଏ, ରକ୍ତ ସଞ୍ଚାଳନ ଏବଂ ସହନଶୀଳତା ବଢେ।



# କ୍ଷୁଦ୍ର ଶସ୍ୟଜାତୀୟ ଫସଲ 'ମାଣ୍ଡିଆ'

ମାଣ୍ଡିଆ ଏକ କ୍ଷୁଦ୍ରଶସ୍ୟଜାତୀୟ ଫସଲ। ଓଡ଼ିଶାର ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ଗଞ୍ଜାମ, ନୂଆପଡ଼ା ଆଦି ଜିଲ୍ଲାରେ ଏହାର ଚାଷ କରାଯାଉଛି। ଏହି ଫସଲର ମରୁଡ଼ି ସହଣି ଶକ୍ତି ରହିଥିବାରୁ ଏହାକୁ ପାହାଡ଼ିଆ ଓ ନିପାଣିଆ ଜମିରେ ସଫଳ ଭାବେ ଚାଷ କରାଯାଇପାରିବ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ଉପକାରୀ। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ଆମିନୋଏସିଡ୍ ଥିବା ଯୋଗୁଁ ଏହା ଜଣ୍ଡିସ ଓ ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ।

ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ ମସିହାରେ ଓଡ଼ିଶାର ପ୍ରାୟ ୧ଲକ୍ଷ ୭୦ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ବର୍ଷକୁ ୧ଲକ୍ଷ ୫୧ହଜାର ମେଟ୍ରିକ ଟନ ଅମଳ କରାଯାଉଛି। ହେକ୍ଟର ପ୍ରତି ଅମଳ କ୍ଷମତା ହେଉଛି ୮୯୫କିଗ୍ରା। ଏହି ଶସ୍ୟଟିରେ ଚାହିଦା ବଢୁଥିବା ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି।

ବିହନ କିସମ: ନୀଳାଚଳ, ଶ୍ୱେତା, ଚିଲିକା, ସ୍ୱର୍ଣ୍ଣ, ଶୁଭ୍ରା ଭୈରବୀ, ଗୋଦାବରୀ।

ବିହନ ବିଶୋଧନ: ବିହନ କିଲୋଗ୍ରାମ ପ୍ରତି ୨-୩ ଗ୍ରାମ କ୍ୟାପଟାନ/ଥିରାମ ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ବିଶୋଧନକରନ୍ତୁ। ବର୍ଷରେ ୩ଥର ମାଣ୍ଡିଆ ବୁଣାଯାଏ। ଜୁନ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ। ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୮ କିଗ୍ରା ବିହନ ଦରକାର ହୁଏ। ଛଟା ବୁଣା ହେକ୍ଟର ପ୍ରତି ୧୦ କିଗ୍ରା ବିହନ ଲାଗେ। ଧାଡ଼ିକୁ ଧାଡ଼ି ୨୫ ସେମି ବ୍ୟବଧାନରେ ୩-୪ସେମି ଗଭୀରରେ ବିଶୋଧିତ ବିହନ ବୁଣିବାକୁ ହୁଏ ମାଣ୍ଡିଆ ରୋଇଲେ ଆଦାୟ ଅଧିକ ହୁଏ। ହେକ୍ଟର ପ୍ରତି ୬ କିଗ୍ରା ବିହନ ଦରକାର ହୁଏ। ଖରାଦିନେ ମାଣ୍ଡିଆରେ ଆବଶ୍ୟକ ସ୍ଥଳେ ପ୍ରତି ୭ଦିନ ଅନ୍ତରରେ ପାଣି ମଡ଼ାଯିବା ଦରକାର।



ସମନ୍ୱିତ ରୋଗପୋକ ପରିଚାଳନା: ମାଣ୍ଡିଆରେ କାଣ୍ଡବିନ୍ଧା ପୋକ, ଦିଆଲିପୋକ, କରପୋକ, ଝିଣ୍ଟିକା, ରଇ, ସଂବାଲୁଆ ଆଦି କ୍ଷତିକାରକ ପୋକ ଲାଗନ୍ତି। କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ମନୋକ୍ରୋଟାଫସ ୩୬% ଏସଏଲ ୧.୪ ଲିଟର କିମ୍ବା କ୍ଲୋରୋପାଇରିଫସ ୧୨୫୦ମି.ଲି, କିମ୍ବା ଟ୍ରାୟୋଜୋଫସ ୪୦% ଇସି ୮୭୫ମି.ଲି ୫୦୦ ମଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ କ୍ଲେଶରୋପାଇରିଫସ ୨୦% ଇସି ୧୨୫୦ମି.ଲି କିମ୍ବା ଏଣ୍ଡୋସଲଫାନ ୩୫% ଇସି ୧.୪ ଲିଟର ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝିଣ୍ଟିକା ପାଇଁ ହେକ୍ଟର ପ୍ରତି ୨୫ କିଗ୍ରା ମାଲାଥିଆନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ବିଞ୍ଚନ୍ତୁ। ମାଣ୍ଡିଆ କିସମ ଅନୁସାରେ ୯୦-୧୨୯୦ ଦିନ ମଧ୍; ଅମଳ ହୁଏ।



# ବୁକୁପୋଡ଼ା ବନାମ୍ ହୃଦ୍‌ଘାତ

ବେଳେ ବେଳେ ଆମେ ଛାତିପୋଡ଼ାକୁ ହୃଦ୍‌ଘାତ ବୋଲି ଭାବିନେଉ। ପୁଣି ହୃଦ୍‌ଘାତକୁ ବୁକୁପୋଡ଼ା ବୋଲି ମନେକରିଥାଉ। ତେବେ ଏଇ ଦୁଇଟି ଭିତରେ ରହିଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରି। ଛାତିପୋଡ଼ା ସାଧାରଣତଃ ହଜମକ୍ରିୟା ସହ ଜଡ଼ିତ ଥିବା ବେଳେ ହୃଦ୍‌ଘାତ ମୁଖ୍ୟତଃ ହୃତ୍‌ପିଣ୍ଡ କ୍ରିୟା ସହ ଜଡ଼ିତ, ଯାହାର ତ୍ୱରିତ ଚିକିତ୍ସା ଜରୁରି। ଉଭୟ ଶାରୀରିକ ପ୍ରତିକ୍ରିୟା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବୁଝିପାରିଲେ ଗୋଟିକର ଦୂରୀକରଣ ପାଇଁ ଅନ୍ୟଟିର ଚିକିତ୍ସା କରାଇବାର ତ୍ରୁଟି ରହିବନି ଏବଂ ତୁରନ୍ତ ଚିକିତ୍ସା କରାଇ ଜୀବନ ବଞ୍ଚାଇହେବ।



ବୁକୁପୋଡ଼ାର ଲକ୍ଷଣ: ଯେତେବେଳେ ପାକସ୍ଥଳୀରେ କ୍ଷରିତ ଅମ୍ଳ ଉଠି ଆସି ଖାଦ୍ୟନଳୀ ବା ନିଗଳ(ଓସୋଫାଗସ୍)ରେ ପହଞ୍ଚିଯାଏ, ସେତେବେଳେ ବୁକୁପୋଡ଼ା ଆରମ୍ଭ ହୁଏ, ଯାହାକୁ 'ଏସିଡ୍ ରିଫ୍ଲକ୍ସ' କୁହାଯାଏ। ଓସୋଫାଗସ୍‌ର ପାର୍ଶ୍ୱଗୁଡ଼ିକୁ ଉକ୍ତ ଏସିଡ୍ ଉତ୍ତେଜିତ କରିବା ଯୋଗୁଁ ଏପରି ଅସ୍ୱସ୍ତିକର ଅନୁଭବ ଆସିଥାଏ। ପିଞ୍ଜରାର ଠିକ୍ ପଛପଟେ ଅନୁଭୂତ ଏହି ଯନ୍ତ୍ରଣା ସାଧାରଣତଃ କେଇ ମିନିଟ୍‌ରୁ କେଇ ଘଣ୍ଟା ଯାଏ ଜାରି ରହିଥାଏ। ଏଥିଯୋଗୁଁ କିଛି ବି ଖାଇବା ପରେ ପରେ ପାଟିକୁ ଟିକେ ଅମ୍ଳୀୟ ବା ପିତାଳିଆ ସ୍ୱାଦ ଲାଗିଥାଏ। ବେଳେ ବେଳେ ଉକ୍ତ ଅମ୍ଳ ତଣ୍ଟି ଯାଏ ବ୍ୟାପି ଆସିବାରୁ ଅଜୀର୍ଣ୍ଣ ହାକୁଟି ଆସିଥାଏ। ଏପରି ଛାତି ଭିତରର ଜଳାପୋଡ଼ା ଅନୁଭବ ବେଳେ ବେଳେ ହୃତ୍‌ପିଣ୍ଡରେ ସମସ୍ୟା ବୋଲି ଅନେକଙ୍କୁ ଭ୍ରମରେ ପକାଇଥାଏ। ମାତ୍ର ଏହା ଖାଦ୍ୟ ପାଚନ ଜନିତ ସମସ୍ୟା।

ହୃଦ୍‌ଘାତର ଲକ୍ଷଣ: ଯେତେବେଳେ ହୃତ୍‌ପିଣ୍ଡ ମାଂସପେଶୀର କୌଣସି ସ୍ଥାନକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ, ହୃଦ୍‌ଘାତ ସମସ୍ୟା ଦେଖାଦେଇଥାଏ। ବିଶେଷ କରି ଧମନୀରେ କୌଣସି ଖାଦ୍ୟ କଣିକା ଜମି ରହିବାରୁ ଏପରି ଘଟିଥାଏ। ଆବଶ୍ୟକ ପରିମାଣର ରକ୍ତ ସଂଚାଳନ ନପାଇ ହୃତ୍‌ପିଣ୍ଡର ମାଂସପେଶୀ ଠିକ୍‌ରେ ସଂକୋଚନ କି ପ୍ରସାରଣ କାର୍ଯ୍ୟ କରିପାରେନାହିଁ। ଫଳରେ ଛାତିର ଠିକ୍ ମଧ୍ୟଭାଗରେ ଭିଡ଼ିମୋଡ଼ି ହେଲା ପରି ଲାଗିବା ସହ ଭୀଷଣ ଚାପଦେଇ କିଏ ମାଡ଼ିବସିଲା ପରି ମନେହୁଏ। ଧୀରେ ଧୀରେ ଏହି ଯନ୍ତ୍ରଣା ଚିବୁକ, ବେକ, ପିଠି ଓ ବାହୁ ଆଦି ସ୍ଥାନକୁ ପ୍ରସାରିତ ହୋଇଥାଏ। ଛାତିରେ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କରିବାରେ ମଧ କଷ୍ଟ ଅନୁଭୂତ ହୁଏ। ଅଧିକାଂଶ କ୍ଷେତ୍ରରେ ପୀଡ଼ିତଙ୍କ ଦେହରୁ ଥଣ୍ଡା ପରିବେଶରେ ମଧ ଝାଳ ନିର୍ଗତ ହେବା ସହ ଓକାର ଆସିବା ଓ ବାନ୍ତି କଲା ଭଳି ଅନୁଭବ ଆସିଥାଏ।

# ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର, ଉପଶମ ଦେବ ଔଷଧୀୟ ଚା'

ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର। ଏଣିକି ରୋଗରୁ ଉପଶମ ଦେବ ଏକ ସ୍ୱତନ୍ତ୍ର ଚା'। ଯାହାକୁ ପିଇଲେ ଆପଣ ଚା'ର ମଜା ଉଠାଇବା ସହ ଏହାର ଔଷଧୀୟ ଗୁଣ ଆପଣଙ୍କ ଶରୀର ପାଇଁ ସାଜିବ ରାମବାଣ। କେବଳ ମଧୁମେହ ରୋଗ ପାଇଁ ନୁହେଁ ହୃଦରୋଗ ସମେତ କିଡନୀ, ହୃଦରୋଗ ଓ ଗଣ୍ଠିବାତ ସମସ୍ୟା ପାଇଁ ବି ଏହା ହେବ ଲାଭଦାୟକ । ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଏଭଳି ଔଷଧୀୟ ଚା' । ଏଭଳି ଔଷଧୀୟ ଚା' ପ୍ରସ୍ତୁତ କରିଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ପକ୍ଷରୁ ପ୍ରାୟ ୩୦ ପ୍ରକାର ଔଷଧୀୟ ଚା' ଉତ୍ପାଦନ କରାଯାଇଛି । ମୂଷାଙ୍କ ଉପରେ ସଫଳ ପ୍ରୟୋଗ ପରେ ଏହାର ବଜାର ପ୍ରବେଶ କରିବାକୁ ଯୋଜନା ରଖିଛନ୍ତି କର୍ତ୍ତୃପକ୍ଷ । ଏନେଇ ଷ୍ଟାର୍ଟ ଅପ୍ ସଂସ୍ଥା ଅର୍କିଡ୍ ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍ ଚୁକ୍ତି ହୋଇଛି । ଏମଧ୍ୟରେ FSSI, GMO, ISOର ଅନୁମୋଦନ ମିଳିସାରିଛି । ଖୁବଶୀଘ୍ର ଏହି ନୂତନ ଚା' ବଜାରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାୟକ କହିଛନ୍ତି, ଗ୍ରୀନ୍ ଟି ସହ ଗନ୍ଧମାର୍ଦ୍ଦନର ଜଟିବୁଟିକୁ ମିଶ୍ରଣ କରି ଆମେ ଏହି ଚା' ପ୍ରସ୍ତୁତ କରୁଛୁ। ଆମେ ୩୦ ପ୍ରକାର ଔଷଧୀୟ ଚା' ତିଆରି କରୁଛୁ। ଏହା ମଧୁମେହ ସମେତ, କୋଲେଷ୍ଟ୍ରଲ, ଆଣ୍ଠୁଗଣ୍ଠି ବାତ, ଲିଭର ଓ କିଡ଼ନୀ ପାଇଁ ବି ଭଲ ଫଳପ୍ରଦ ହୋଇ ପାରିବ । ହର୍ବାଲ ଚା'ରେ ମିଶୁଥିବା ଔଷଧୀୟ ଉପାଦାନ। ଚା' ଉତ୍ପାଦନ ପାଇଁ ବିଶ୍ୱବିଦ୍ୟାଳୟର ଫୁଡ୍ ସାଇନ୍ସ ବିଭାଗରେ ଆବଶକୀୟ ଯନ୍ତ୍ରପାତି ଓ ପ୍ୟାକିଂ ମେସିନ୍ ଲଗାଯାଇଛି । ଆଗାମୀ ଦିନରେ ୨୭ ପ୍ରକାର ଚା' ଉତ୍ପାଦନ ହେବାକୁ ଥିବା ବେଳେ ୮ ରୋଗ ପାଇଁ ଏହା ଉପଶମ ଦେବ । ଦାର୍ଜିଲିଂ ଓ ଆସାମରୁ ଏନେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଚା' ଅଣାଯାଉଛି । ପରେ ବରଗଡ଼ ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳି ମିଶ୍ରଣ କରାଯାଇ ପ୍ରସ୍ତୁତ ହେଉଛି ଏହି ସ୍ୱତନ୍ତ୍ର ଗର୍ବାଲ ଚା' । ହର୍ବାଲ-ଟି ପାଇଁ ସୁଗନ୍ଧିତ ବାସ୍ନା , ଗୁଡମାରୀ , ଅଶ୍ୱଗନ୍ଧା , ପିପଳୀ , କଟୁକୀ, ପୁନଃନର୍ଭା ଆଦି ଜଡ଼ିବୁଟୀ ଗନ୍ଧମାର୍ଦ୍ଦନରୁ ସଂଗୃହୀତ ହେଉଥିବା ବେଳେ. ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଗୋଲାପ ଆମଦାନୀ କରାଯାଉଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରଦୂଷଣ ଆକ୍ରାନ୍ତ ଗଙ୍ଗା

ଦେଶବିଦେଶରେ ରହୁଥିବା ଅଧିକାଂଶ ଲୋକ ଜୀବନରେ ଥରେ ଗଙ୍ଗୋତ୍ରୀଙ୍କୁ ଦର୍ଶନ କରିବା ଏବଂ ଗଙ୍ଗାର ପବିତ୍ର ଜଳରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବା ଇଚ୍ଛା ରଖିଥା'ନ୍ତି। ତେଣୁ ଗଙ୍ଗା କୋଟିକୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ। କିନ୍ତୁ ପରିବେଶ ପରିବର୍ତ୍ତନ କାରଣରୁ ଭାଗୀରଥି ରୂପରେ ଗଙ୍ଗୋତ୍ରୀରୁ ଆସୁଥିବା ଗଙ୍ଗା ଉତ୍ପତ୍ତି ସ୍ଥଳରୁ ହିଁ ପ୍ରଦୂଷିତ ହେଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ଆକ୍ସନ ପ୍ଲାନ' ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନମାମି ଗଙ୍ଗେ' ପ୍ରକଳ୍ପରେ ଗଙ୍ଗାର ସ୍ୱଚ୍ଛତା ପାଇଁ ପର୍ଯ୍ୟାପ୍ତ ବଜେଟ୍, ପ୍ରଯୁକ୍ତିବିଦ୍ୟା, ମାନବ ସମ୍ବଳ ଇତ୍ୟାଦି ବ୍ୟବହାର ସତ୍ତ୍ୱେ ପ୍ରଦୂଷଣରୁ ଗଙ୍ଗାକୁ ସୁରକ୍ଷା ଦିଆଯାଇପାରି ନାହିଁ। ଗଙ୍ଗୋତ୍ରୀରେ ଦୈନିକ ଏକ ନିୟୁତ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସଂଗ୍ରହ କରାଯାଇଥିବା ନମୁନା ଆଧାରରେ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୪୦ ଥିବା ଜଣାପଡ଼ିଛି। ଫିକାଲ୍ କୋଲିଫର୍ମର ଏହି ସ୍ତର ମଣିଷ ଓ ଜୀବଜନ୍ତୁଙ୍କ ମଳ ଓ ପରିସ୍ରାରୁ ନିର୍ଗତ ଅଣୁଜୀବଙ୍କ ଦ୍ୱାରା ହେଉଥିବା ପ୍ରଦୂଷଣକୁ ବୁଝାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ ଗାଧୋଇବା ଓ ପିଇବା ପାଣିର ଗୁଣାତ୍ମକ ମାନଦଣ୍ଡ ଅନୁଯାୟୀ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୦୦ରୁ କମ୍ ହେବା ଉଚିତ। ତେଣୁ ଗଙ୍ଗା ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ନଭେମ୍ବର ୫, ୨୦୨୪ରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବଙ୍କୁ ଏହାର ତଦାରଖ କରି ୨୦୨୫ ଫେବ୍ରୁଆରି ୧୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଖଣ୍ଡର ଡେରାଡୁନ୍, ଉତ୍ତରକାଶୀ, ପୌରୀ, ଚମୋଲି, ହରିଦ୍ୱାର, ଟେହେରୀରେ ଲାଗିଥିବା ପ୍ରାୟ ୫୩ଟି ନର୍ଦ୍ଦମା ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) କ୍ଷମତା ଏତେ କମ୍ ଯେ ସେମାନେ ଗଙ୍ଗାରେ ପଡ଼ିଥିବା ନର୍ଦ୍ଦମା ସଫା କରିବାରେ ଅସମର୍ଥ। ଉତ୍ତରପ୍ରଦେଶର ଗଙ୍ଗା ଅଧିକ ପ୍ରଦୂଷିତ। ଅକ୍ଟୋବର ୨୨, ୨୦୨୪ର ରିପୋର୍ଟ ଅନୁଯାୟୀ ଉତ୍ତରପ୍ରଦେଶର ୩୨୬ଟି ଡ୍ରେନ୍ ମଧ୍ୟରୁ ୨୪୭ଟି ଡ୍ରେନ୍ ଅପରିଷ୍କାର। ସେଥିରୁ ୩୫୧୩.୧୬ ଏମ୍‌ଏଲ୍‌ଡି ନର୍ଦ୍ଦମା ଗଙ୍ଗା ଓ ଏହାର ଶାଖା ନଦୀରେ ପଡୁଛି। ନଭେମ୍ବର ୬, ୨୦୨୪ରେ ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରୟାଗରାଜ ଜିଲ୍ଲାରେ ନର୍ଦ୍ଦମା ବିଶୋଧନରେ ୧୨୮ ଏମଏଲଡିର ବ୍ୟବଧାନ ରହିଛି। ୨୫ଟି ଡ୍ରେନ୍‌ରୁ ଅବିଶୋଧିତ ନର୍ଦ୍ଦମା ଜଳ ଗଙ୍ଗାକୁ ପ୍ରବାହିତ ହେଉଥିବା ବେଳେ ୧୫ଟି ଡ୍ରେନ୍‌ରୁ ନର୍ଦ୍ଦମା ଯମୁନାରେ ପ୍ରବାହିତ ହେଉଛି। ସମତଳ ଅଞ୍ଚଳରେ କୌଣସି ସ୍ଥାନରେ ଗଙ୍ଗା ଜଳର ଗୁଣବତ୍ତା ନାହିଁ। ଗୋମତୀ ନଦୀରେ ମଧ୍ୟ ପ୍ରଦୂଷଣ ଜମା ହୋଇଛି। ନାଳର ରୂପ ନେଇଥିବା ଗଙ୍ଗାନଦୀ କାଲୋ, ହିଣ୍ଡୋନ, ରାମଗଙ୍ଗା, ତମସା, ବେତଓ୍ୱା, ବରୁଣା ସମେତ ଦେଢ଼ଡଜନ ନଦୀର ଅବସ୍ଥା ସମାନ। ଗଙ୍ଗାକୂଳରେ ଅବସ୍ଥିତ ଉତ୍ତରପ୍ରଦେଶର ୨୩ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାରେ ବିଶୁଦ୍ଧ ଜଳର ସୁବିଧା ନଥିବା ବେଳେ ବାରାଣସୀ, ଫାରୁଖାବାଦ, କାନପୁର, ଉନ୍ନାଓ ଓ ମିର୍ଜାପୁର ଜିଲ୍ଲାରୁ ଗଙ୍ଗାକୁ ପ୍ରବାହିତ ହେଉଥିବା ନର୍ଦ୍ଦମାର ସ୍ଥିତି ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ସେହିପରି ପାଟନାରେ ୫୦୭ଟି ଡ୍ରେନ୍ ଚିହ୍ନଟ କରାଯାଇଛି, ଯାହା ବିନା ଟ୍ରିଟମେଣ୍ଟରେ ଗଙ୍ଗାରେ ପଡୁଛି। ଦୀଘା କେନାଲର ବିଷାକ୍ତ ରାସାୟନିକ ଭର୍ତ୍ତି କଳା ପାଣି ସିଧାସଳଖ ଗଙ୍ଗାରେ ପହଞ୍ଚୁଛି। ନିକଟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୪-୫ ଲକ୍ଷ ଲୋକ ଏହି ପାଣିରେ ସ୍ନାନ କରିଥିଲେ। ଗବେଷଣା ଅନୁଯାୟୀ, ଗଙ୍ଗା ଜଳରେ ବାକ୍ଟ୍ରିଓଫୋସ୍ ନାମକ ବ୍ୟାକ୍ଟେରିଆ ରହିଥାଏ, ଯାହା ଜଳରେ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ଅବାଞ୍ଛିତ ପଦାର୍ଥ ଖାଇଥାଏ ଏବଂ ଗଙ୍ଗା ଜଳର ଶୁଦ୍ଧତାକୁ ବଜାୟ ରଖିଥାଏ। କିନ୍ତୁ ଅହେତୁକ ପ୍ରଦୂଷଣ ଯୋଗୁଁ ଏଭଳି ଲାଭଦାୟକ ବ୍ୟାକ୍ଟେରିଆ ଉତ୍ପତ୍ତି ଲୋପ ପାଇବାରେ ଲାଗିଛି। ଗଙ୍ଗାର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଗଙ୍ଗାର ସ୍ୱଚ୍ଛତା ୨୦୧୪ରେ ୨୦, ୦୦୦ କୋଟି ଟଙ୍କାର ବ୍ୟୟବରାଦରେ ସୀମିତ ରହିଛି। ସରକାର ଓ ସମାଜ ମିଳିତ ଭାବରେ ବିଭିନ୍ନ ନିୟମ ଆଧାରରେ ସମ୍ପୂର୍ଣ୍ଣ ମାନବ ନିର୍ମିତ ପ୍ରଦୂଷଣକାରୀ ଉତ୍ସକୁ ବନ୍ଦ କରିବା ଆବଶ୍ୟକ। ଏଥିଲାଗି ଗାଁର ଜଳ ଓ ପରିମଳ ସମିତି ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ଏକାଠି ହେବା ଉଚିତ୍ ଥିଲା। ଗଙ୍ଗା ସଫା କରିବା ନାଁରେ ଦୁଇଟି ପ୍ରୟାସ ସାମ୍ନାକୁ ଆସିଛି। ପ୍ରଥମଟି ହେଉଛି ସ୍ନାନ ଘାଟକୁ ସଫା କରିବା, ଯେଉଁଠାରେ ରଙ୍ଗୀନ ଟାଇଲ ଲଗାଯାଇଥାଏ। ଦ୍ୱିତୀୟତଃ, ଏସ୍‌ଟିପି ସହାୟତାରେ ଗଙ୍ଗା ଜଳକୁ ସଫା କରିବା। ତେବେ ବର୍ଷା ଦିନେ ଏସ୍‌ଟିପି ଭୁଶୁଡ଼ି ପଡ଼ିଥାଏ। ଅର୍ଥାତ୍ ପର୍ଯ୍ୟଟକ, ଶିଳ୍ପ, ପ୍ଲାଷ୍ଟିକ ସଂସ୍କୃତି ଜଳ ବିଶୋଧନ ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ମଇଳା ଓ ମନୁଷ୍ୟ ମଳ ଗଙ୍ଗାକୁ ନଷ୍ଟ କରୁଛି। ଯାହାର ଫଳାଫଳ ସମସ୍ତଙ୍କ ଆସ୍ଥାର ପ୍ରତୀକ ଗଙ୍ଗା ବହନ କରୁଛି।

## ସମ୍ବଲର ବିବାଦର ଐତିହାସିକ ପୃଷ୍ଠଭୂମି



**ଡ. ସମନ୍ୱୟ ନନ୍ଦ**

ବର୍ତ୍ତମାନ କିଛି ଦିନ ହେଲା ଉତ୍ତର ପ୍ରଦେଶର ସମ୍ବଲ ଓ ଏଠାରେ ଥିବା ଶାହୀ ଜାମା ମସଜିଦ ଚର୍ଚ୍ଚାର କେନ୍ଦ୍ରରେ ଅଛି । ସମ୍ବଲରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଛନ୍ତି । ହିନ୍ଦୁ ମାନେ ଏହି ତଥାକଥିତ ମସଜିଦକୁ ହରିହର ମନ୍ଦିର ବୋଲି କହି ଆସୁଛନ୍ତି । ମାନନୀୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଏହାର ସର୍ଭେ କାର୍ଯ୍ୟ ପାଇଁ ଯାଇଥିବା ଦଳ ଉପରେ କିଛି ଦିନ ତଳେ ହଠାତ ହଜାର ହଜାର ମୁସଲମାନ ଏକାଠି ହୋଇ ପଥର ମାଡ କରିଥିଲେ । ଏହି ଘଟଣା ପର ଠାରୁ ଦେଶ ଓ ବିଦେଶର ଗଣମାଧ୍ୟମରେ ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରକୁ ନେଇ ଚର୍ଚ୍ଚା। ଆଲୋଚନା ଆରମ୍ଭ ହୋଇ ସାରିଛି । ହିନ୍ଦୁ ଶାସ୍ତ୍ର ଓ ଧାର୍ମିକ ମାନ୍ୟତା ଅନୁସାରେ ସମ୍ବଲ ଠାରେ ଭଗବାନ ବିଷ୍ଣୁ କଲ୍କୀ ଅବତାର ଭାବେ ଜନ୍ମ ଗ୍ରହଣ କରିବେ । ତେଣୁ ସେହି ଦୃଷ୍ଟିରୁ ଏହି ସ୍ଥାନଟି ହିନ୍ଦୁ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଲେଖାରେ ଆମେ ସମ୍ବଲର ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରର ବିବାଦର ଐତିହାସିକତା ଉପରେ ଆଲୋଚନା କରିବା । ଇତିହାସର ସାକ୍ଷ୍ୟ କଣ କହୁଛି ସେ ବିଷୟରେ ଚର୍ଚ୍ଚା କରିବା।

ମୁସଲମାନ ମାନେ ଦାବି କରନ୍ତି ଯେ, ସମ୍ବଲରେ ଥିବା ଏହି ଐତିହାସିକ ମସଜିଦକୁ ଷୋଡଶ ଶତାବ୍ଦୀରେ ବିଦେଶୀ ମୋଗଲ ଆକ୍ରମଣକାରୀ ବାବର ନିର୍ମାଣ କରାଇଥିଲା । କିନ୍ତୁ ଏହି ଦାବିର କୌଣସି ସତ୍ୟତା ନାହିଁ । ବାବର ଏହି ମସଜିଦକୁ ନିର୍ମାଣ କରାଇ ନ ଥିଲା । ଉନବିଂଶ ଶତାବ୍ଦୀ ଯାଏ ଏଠାରେ କୌଣସି ମସଜିଦ ନ ଥିଲା । ଏଠାରେ ହରିହର ମନ୍ଦିର ଥିଲା।

ଯଦି ମୁସଲମାନ ମାନଙ୍କର ଦାବିରେ ସତ୍ୟତା ଥାଆନ୍ତା ଓ ବାବର ସମ୍ବଲରେ ଥିବା ଏହି ମସଜିଦର ନିର୍ମାଣ କରାଇଥାନ୍ତା ତେବେ ମୁସଲମାନ ସାହିତ୍ୟରେ ଏହାର ଉଲ୍ଲେଖ ନିଶ୍ଚିତ ଭାବେ ରହିଥାନ୍ତା । ଅତି କମରେ ବାବରନାମାରେ ଏହାର ଉଲ୍ଲେଖ ନିଶ୍ଚିତ ଥାଆନ୍ତା । କିନ୍ତୁ ବାବରନାମାରେ ବାବର ଦ୍ୱାରା ସମ୍ବଲ ଠାରେ ଏହି ମସଜିଦ ନିର୍ମାଣ କରାଇବାର କୌଣସି ଉଲ୍ଲେଖ ନାହିଁ। କେବଳ ସେତିକି ନୁହେଁ ସେହି ସମୟର କୌଣସି ଇସଲାମୀ ସାହିତ୍ୟରେ ଏହି ମସଜିଦର ଆଦୌ ଉଲ୍ଲେଖ ନାହିଁ ।

ଆଉ ଗୋଟିଏ ଉଲ୍ଲେଖନୀୟ ବିଷୟ ହେଲା ଆବୁଲ ଫଜଲ ଆଇନ ଏ ଆକବରୀ ପୁସ୍ତକରେ ସମ୍ବଲ ବିଷୟରେ ଉଲ୍ଲେଖ କରିଛନ୍ତି । ହେଲେ ସେ ଏହି ପୁସ୍ତକରେ କୌଣସି ମସଜିଦ ବିଷୟରେ ଉଲ୍ଲେଖ କରି ନାହାନ୍ତି ବରଂ ସେଠାରେ ଏକ ବିଷ୍ଣୁ ମନ୍ଦିର ଥିବା ଉଲ୍ଲେଖ କରିଛନ୍ତି।

ଆବୁଲ ଫଜଲ ତାଙ୍କ ପୁସ୍ତକରେ ବିଷ୍ଣୁ ମନ୍ଦିରର ଉଲ୍ଲେଖ କରୁଛନ୍ତି । ଏହାର ଅର୍ଥ ହେଲା ଯେ ଷୋଡଶ ଶତାବ୍ଦୀରେ ସେତେବେଳେ ସମ୍ବଲରେ ବିଷ୍ଣୁ ମନ୍ଦିର ଥିଲା। ବାବର ଦ୍ୱାରା ନିର୍ମିତ ହୋଇଥିବା ତଥାକଥିତ ମସଜିଦର ଚିହ୍ନ ବର୍ଣ୍ଣ ମଧ ନ ଥିଲା ।

ତେଣୁ ଏହାର ପରବର୍ତ୍ତୀ ସମୟରେ ମଧ୍ୟ କୌଣସି ଇସଲାମୀ ସାହିତ୍ୟରେ ଏହି ତଥାକଥିତ ମସଜିଦର କୌଣସି ରେକର୍ଡ ମିଳେ ନାହିଁ । ତେବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ରିପୋର୍ଟ ବାସ୍ତବ ଚିତ୍ର ପ୍ରଦାନ କରିଥାଏ ।

୧୮୭୧ -୭୨ ମସିହାରେ ଜଣେ ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ କାରାଇଲ ଆଗ୍ରା ଅଂଚଳକୁ ଯାଇଥିଲେ । ସେ ସେତେବେଳେ ସମ୍ବଲ ଠାରେ ସର୍ଭେ କରିଥିଲେ। ସେ ତାଙ୍କର ସର୍ଭେ ରିପୋର୍ଟରେ ଯାହା ଉଲ୍ଲେଖ କରିଥିଲେ ତାକୁ ଦେଖିଲେ ଏହାର ବାସ୍ତବିକତା କଣ ତାହା ସ୍ପଷ୍ଟ ହୋଇଯାଏ ।

ସେ ତାଙ୍କର ରିପୋର୍ଟରେ ସମ୍ବଲର ମୁଖ୍ୟ ଭବନକୁ ଜାମା ମସଜିଦ ବୋଲି କହିଛନ୍ତି । ସେ କହିଛନ୍ତି ଯେ ମୁସଲମାନ ମାନେ କହନ୍ତି ଯେ ଏହାର ନିର୍ମାଣ ବାବର କରିଥିଲା। ହେଲେ କ୍ୟାମ୍ପବେଲ ସଙ୍ଗେ ସଙ୍ଗେ ତାଙ୍କ ରିପୋର୍ଟରେ ମୁସଲମାନ ମାନଙ୍କ ଏହି ଦାବି ସତ୍ୟ ନୁହେଁ ବରଂ ମିଥ୍ୟା ତାହା ମଧ ସ୍ପଷ୍ଟ କରି ଦେଇଛନ୍ତି ।

ସେ ତାଙ୍କର ଏହି ରିପୋର୍ଟରେ ଲେଖିଛନ୍ତି ଯେ, ସମ୍ବଲର ଅନେକ ସ୍ଥାନୀୟ ମୁସଲମାନ ତାଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସମ୍ବଲର ଏହି ମସଜିଦ ବାସ୍ତବରେ ଏକ ଠକେଇ । ଏହାକୁ ବାବର ନିର୍ମାଣ କରାଇଥିବା ବୋଲି ପ୍ରମାଣିତ କରିବାକୁ ଯାଇ ସେଠାରେ ଏକ ନକଲୀ ଶିଳାଲେଖ ମଧ ସେମାନେ ଲଗାଇଥିଲେ । ଅନେକ ସ୍ଥାନୀୟ ମୁସଲମାନ ମାନେ ତାଙ୍କୁ ଆଗରେ ରହସ୍ୟୋଦଘାଟନ କରିଥିଲେ ଯେ, ୧୮୫୦ ମସିହା ଯାଏ ଏହି ସ୍ଥାନ ଉପରେ ମୁସଲମାନ ମାନଙ୍କର କବଜା ହୋଇ ନ ଥିଲା ।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆଗକୁ ଲେଖିଛନ୍ତି. ଏହି ଭବନ ମୂଳରୁ ଏକ ହିନ୍ଦୁ ମନ୍ଦିର ଥିଲା । ମୁସଲମାନ ମାନେ ଠକେଇ କରି ଏହା ଉପରେ କବଜା କରି ନେଇଥିଲେ । ଏହା ପରେ ସ୍ଥାନୀୟ ହିନ୍ଦୁ ମାନେ ଏହି ସ୍ଥାନକୁ ପୁନଃ ପ୍ରାପ୍ତ କରିବାକୁ ଅଦାଲତକୁ ଯାଇଥିଲେ । ହେଲେ ମୁସଲମାନ ମାନେ ମିଛ ସାକ୍ଷୀ ଦେଇ ଏହି ମାମଲାରେ ବିଜୟୀ ହୋଇଥିଲେ । କାରଣ ସେତେବେଳେ ସମ୍ବଲ ଅଂଚଳ ରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଥିଲେ।

ତେବେ ମୁସଲମାନ ମାନେ ଧୋଖାଧଡି କରିବାକୁ ଯାଇ ଯେଉଁ ବାବରର ଶୀଳାଲେଖ ଲଗାଇଥିଲେ ସେଥିରେ ମଧ ବାବରର ନାମର ସ୍ପେଲିଂ ଭୁଲ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ରିପୋର୍ଟରେ ଆଗକୁ କୁହାଯାଇଥିଲା ଯେ, ବର୍ତମାନର ଯେଉଁ ଭବନ ଯାହାକୁ ଶାହୀ ଜାମା ମସଜିଦ କୁହାଯାଉଛି ତାହା ଆଦୌ ମସଜିଦ ନୁହେଁ । ବାବର ଏହାର ନିର୍ମାଣ କରାଇ ନାହିଁ। ବର୍ତମାନର ସଂରଚନାକୁ ରାଜା ପୃଥ୍ୱୀରାଜ ଚୌହାନ ଦ୍ୱାରା ହିନ୍ଦୁ ମନ୍ଦିର ଭାବେ ନିର୍ମାଣ କରାଯାଇଥିଲା । ମୁସଲମାନ ମାନେ ଏହା ଉପରେ ଜୋର ଜବରଦସ୍ତି କବ୍ଜା କରି ଏହାକୁ ମୁସଲମାନ ପୂଜା ସ୍ଥଳରେ ପରିବର୍ତନ କରି ଦେଇଛନ୍ତି ।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ମୁସଲମାନ ମାନେ କାନ୍ଥ ଗୁଡିକରେ ମୂଳ ହିନ୍ଦୁ ସାମଗ୍ରୀକୁ ଲୁଚାଇବାକୁ କୋଟିଂ କରିବାକୁ ପ୍ରୟାସ କରିଛନ୍ତି । ପ୍ରତ୍ନତତ୍ତ୍ୱବିତ ମାନେ ସେତେବେଳେ ଅନେକ ସ୍ଥାନରେ ଦେଖିଲେ ଯେ ହିନ୍ଦୁ କଳା କାନ୍ଥରେ ଅଂକିତ ହୋଇଛି । ମୁସଲମାନ ମାନେ ମୂର୍ତିକୁ ଓଲଟା କରି ପୁଣି ଥରେ ସେଠାରେ ତାକୁ ପ୍ରୟୋଗ କରିଛନ୍ତି । ମୁସଲମାନ ମାନେ ଏତେ ପଥର ସେଠାରୁ ହଟାଇ ନେଇଥିଲେ ଯେ ଏହାର ସଂରଚନାର ପ୍ରାଚୀର ପତଳା ଓ ଦୁର୍ବଳ ହୋଇଯାଇଥିଲା । ଏହି ପରି ଭାବେ ଏକ ଭବ୍ୟ ମନ୍ଦିରକୁ ମସଜିଦରେ ପରିବର୍ତିତ କରିଦିଆଯାଇଥିଲା ।

ଐତିହାସିକ ବ୍ରିଜେନ୍ଦ୍ର ମୋହନ ଶଙ୍ଖଧର ସମ୍ବଲ ଉପରେ ଅନୁସନ୍ଧାନ କରିଛନ୍ତି । ଦୀର୍ଘ ବର୍ଷର ଅନୁସନ୍ଧାନର ପରେ ତାଙ୍କର ପୁସ୍ତକ ସମ୍ବଲ – ଏ ହିଷ୍ଟୋରିକାଲ ସର୍ଭେ ପ୍ରକାଶିତ ହୋଇଛି । ସେ ଏହି ପୁସ୍ତକରେ ନିଷ୍କର୍ଷ ବାହାର କରିଛନ୍ତି ଯେ ଏହି ମସଜିଦକୁ ବାବର ତିଆରି କରି ନାହିଁ । ବାବରର ଏହି ତଥାକଥିତ ଶିଳାଲେଖ ଇତିହାସର ସବୁଠାରୁ ବଡ ଧୂର୍ତତା ଅଟେ । ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ ହୁଅନ୍ତୁ ବା ଐତିହାସିକ ବ୍ରିଜେନ୍ଦ୍ର ମୋହନ ହୁଅନ୍ତୁ ଉଭୟ ଏହି ନିଷ୍କର୍ଷରେ ଉପନୀତ ହୋଇଛନ୍ତି ଯେ ସମ୍ବଲର ମସଜିଦ ୧୫ତମ ଶତାବ୍ଦୀରେ ନିର୍ମିତ ହୋଇ ନାହିଁ ଯେପରିକି ମୁସଲମାନ ମାନଙ୍କ ଦ୍ୱାରା ଦାବି କରାଯାଉଛି । ଏହି ମନ୍ଦିର ଉପରେ କବଜା କରି ଉନବିଂଶ ଶତାବ୍ଦୀରେ ମସଜିଦରେ ପରିବର୍ତିତ କରି ଦିଆଯାଇଛି । ତେବେ ଗଙ୍ଗା ପ୍ରସାଦ ଭଳି ଐତିହାସିକ ବାବରର ତଥାକଥିତ ଶିଳାଲେଖକୁ ସତ ବୋଲି ମନେ କରି ଏହାକୁ ବାବର ତିଆରି କରିଥିବା ଉଲ୍ଲେଖ କରିଛନ୍ତି । କିନ୍ତୁ ସମସ୍ତେ ଗୋଟିଏ କଥାରେ ଏକ ମତ ଯେ ଏହି ତଥାକଥିତ ମସଜିଦ ହିନ୍ଦୁ ମନ୍ଦିର ଉପରେ କବଜା କରି ଠିଆ କରାଯାଇଛି । ଏଥିରେ କେହି ଦ୍ୱିମତ ନାହାନ୍ତି ।

ତେଣୁ ସମ୍ବିଧାନ ପ୍ରଦତ ଅଧିକାରକୁ ବ୍ୟବହାର କରି ତଥ୍ୟ ଓ ପ୍ରମାଣ ଆଧାରରେ ଏହାର ନିର୍ଧାରଣ କରିବାକୁ ଚେଷ୍ଟା କରାଯାଉଥିବା ବେଳେ ଗୋଟିଏ ବର୍ଗ ରାଜରାସ୍ତାରେ ପଥର ଫିଙ୍ଗି ଶକ୍ତି ପ୍ରଦର୍ଶନ କରିଆରେ ନିଜର ମତକୁ ମନାଇବାକୁ ଚେଷ୍ଟା କରୁଛି । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ସେକୁଲାର ରାଜନୀତି କରୁଥିବା ରାଜନୈତିକ ଦଳ ଯେଉଁ ମାନେ ସମ୍ବିଧାନ ବିପଦରେ ଅଛି ବୋଲି ଚିତ୍କାର କରି ଆସୁଛନ୍ତି, ସେମାନେ ଏହି ପ୍ରସଙ୍ଗରେ ସମ୍ବିଧାନ ଅନୁସାରେ ନୁହେଁ ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କରୁଥିବା ଲୋକଙ୍କ ସହ ଠିଆ ହୋଇଛନ୍ତି । ଏହା ଠାରୁ ବଡ ବିଡମ୍ବନା କଣ ବୋ ହୋଇପାରେ ?

## ଆମ ଦେଶ ଇଣ୍ଡିଆ ନା ଭାରତ ?



**ଗୋପାଳ ମହାପାତ୍ର**

ଆମ ସମ୍ବିଧାନର ଅନୁଚ୍ଛେଦ ୧(୧) ରେ ଦେଶର ନାମ "ଇଣ୍ଡିଆ ଦ୍ୟାଟଇଜ୍ ଭାରତ" ବୋଲି ଉଲ୍ଲେଖ ରହିଛି। ଏହାର ଅର୍ଥ ହେଉଛି ଆମ ଦେଶର ମୂଳ ପ୍ରାଚୀନ ନାମ "ଭାରତ" କୁ ବିକଳ୍ପ ନାମ ଭାବେ ଉଲ୍ଲେଖ କରାଯାଇଛି। ପରିଣାମ ସ୍ୱରୂପ ଭାରତର ସମ୍ବିଧାନ " ଇଣ୍ଡିଆ ର ସମ୍ବିଧାନ" ପାଲଟିଗଲା ଏବଂ ସବୁ ସ୍ଥାନରେ "ଇଣ୍ଡିଆ" ଶବ୍ଦର ପ୍ରୟୋଗ ଏବଂ ପ୍ରଚାର କରାଗଲା। ଆମ ସଂସ୍କୃତି ଏବଂ ସଭ୍ୟତା ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ଅଟେ। ଏପରିକି ଦେଶର ବାସ୍ତବିକ୍ ନାମ ଭାରତବର୍ଷ ଅଟେ। ପୁରାଣ ଏବଂ ଗୀତା ଭଳି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏଦେଶକୁ ଭାରତ ବୋଲି ବର୍ଣ୍ଣନା କରାଯାଇଛି। ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତ ହୋଇଛି ବୋଲି ଅନେକଙ୍କ ମତ। ସମ୍ରାଟ ଭରତ ଥିଲେ ରାଜା ଦୁଷ୍ମନ୍ତ ଏବଂ ରାଣୀ ସକୁନ୍ତଳାଙ୍କ ସୁପୁତ୍ର। ବିଷ୍ଣୁ ପୁରାଣରେ ଆମ ଦେଶର କ୍ଷେତ୍ରୀୟ ସୀମା ବାବଦରେ ଯାହା ଉଲ୍ଲେଖ କରାଯାଇଛି ତଦନୁସାରେ " ଉତ୍ତରଂ ଯତ୍ – ସମୁଦ୍ରସ୍ୟ ହିମଦେ ସତୈବ ଦକ୍ଷିଣମ୍ ବର୍ଷମ୍ ତଦୁ ଭାରତଂ ନାମ ଭାରତୋ ଯତ୍ର ସନ୍ତତିଃ"। ଅର୍ଥାତ୍ ଉତ୍ତରରେ ସମୁଦ୍ର ଏବଂ ଦକ୍ଷିଣରେ ବରଫାବୃତ୍ତ ପର୍ବତ, ମଧ୍ୟରେ ଯେଉଁ ଦେଶ ରହିଛି ତାକୁ ଭାରତ କୁହାଯାଏ। ମହାଭାରତରେ ଆମର ମାତୃଭୂମୀର ଉଲ୍ଲେଖ ଭାରତବର୍ଷ ରୂପରେ କରାଯାଇଛି। ରାଜା ଭରତଙ୍କ ଦ୍ୱାରା ସ୍ଥାପିତ ଏବଂ ଶାସିତ ସାମ୍ରାଜ୍ୟରେ କେବଳ ଯେ ବର୍ତ୍ତମାନର ଭାରତୀୟ ଭୂଭାଗ ଥିଲା ତା ନୁହେଁ ବରଂ ଆଖପାଖର ଅନ୍ୟଦେଶ ବର୍ମା (ବ୍ରହ୍ମଦେଶ), ନେପାଳ, ତିବତ, ଆଫଗାନିସ୍ଥାନ, ଉଜବେକିସ୍ଥାନ, ଋଷ, ଚୀନ, ମାଲେସିଆ, ଇଣ୍ଡୋନେସିଆ ଏବଂ ବର୍ତ୍ତମାନର ଭାରତରୁ ବିଭାଜିତ ପାକିସ୍ଥାନ ଓ ବଙ୍ଗଳାଦେଶ ସାମିଲ ଥିଲା।

କୁହାଯାଇପାରେ ଯେ ଭାରତର ବର୍ତ୍ତମାନ ଇଂରାଜୀ ନାମ ଉତ୍ତର ପଶ୍ଚିମର ପବିତ୍ର ନଦୀ ସିନ୍ଧୁରୁ ହିଁ ଆସିଛି। ପାରସି ମାନେ ଏହି ନଦୀକୁ ସିନ୍ଧୁ ଭାବେ ଉଚ୍ଚାରଣ ନକରି "ହିନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ଏବଂ ୟୁନାନୀ "ଇନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ବୋଲି ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି। ରାଜା ଆଲଫ୍ରେଡ଼ ଓରୋସିୟସ ଅନୁବାଦରେ ଭାରତର ଇଂରାଜୀ ନାମର ପ୍ରୟୋଗ କରିଥିଲେ ବୋଲି ୫ମ ଶତାବ୍ଦିରେ ଲାଟିନରେ ଲେଖାଯାଇଥିବା ବିଶ୍ୱ ଇତିହାସରେ ବର୍ଣ୍ଣିତ ଅଛି। ଏହାପରେ ମୋଗଲ, ଫ୍ରେଞ୍ଚ, ସ୍ପେନିସ, ପର୍ତ୍ତୁଗୀଜ ମାନେ ଭାରତକୁ ଭିନ୍ନ ଭିନ୍ନ ନାମରେ ନାମିତ (ଉଚ୍ଚାରିତ) କରିଥିଲେ। ମୋଗଲ ମାନେ ହିନ୍ଦୁସ୍ଥାନ କହୁଥିଲେ କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତ ଆସିବା ପରେ ନାମ ପରିବର୍ତ୍ତନ କରି ଦେଶର ନାମ ଇ୍ ?ଣ୍ଡିଆ କରି ଦେଲେ କାରଣ ଇଂରେଜ ମାନେ ଆମକୁ ରାଜା (କିଙ୍ଗ୍) ଆଲଫ୍ରେଡ଼ଙ୍କ ସମୟରୁ ଇଣ୍ଡିଆ ନାମରେ ଜାଣିଥିଲେ। ୧୮୫୮ ମସିହା ଅଗଷ୍ଟ ମାସରେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଭାରତର ଶାସନର ଦାୟିତ୍ୱ ନେବା ବେଳେ ତତ୍ ?କାଳୀନ ବ୍ରିଟିଶ ସରକାର "ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଅଧିନିୟମ" ଗୃହୀତ କରାଇଥିଲେ ଫଳତଃ ଭାରତର ନାମ ସେବେଠାରୁ ଇଣ୍ଡିଆ ହୋଇଯାଇଥିଲା ଓ ଦେଶ ସ୍ୱାଧିନ ହେବା ପରେ ମଧ ଦେଶର ନାମ ଇଣ୍ଡିଆ ରହିଗଲା।

ବ୍ରିଟିଶ ଉପନିବେଶକ ମାନଙ୍କ ମାନଙ୍କ ଦ୍ୱାରା ଲଦି ଦିଆଯାଇଥିବା "ଇଣ୍ଡିଆ" ନାମ ଗୋଲାମୀର ପ୍ରତୀକ ଅଟେ ଏବଂ ଏହା ଭାରତୀୟ ଲୋକଙ୍କ ଭାବନା, ସ୍ୱାଭିମାନ, ସଂସ୍କୃତି ଏବଂ ସଭ୍ୟତା ଉପରେ ଆଘାତ ନିଶ୍ଚୟ। ସ୍ୱାଧିନତାର ୭୭ ବର୍ଷ ପରେ ମଧ "ଭାରତ" ସ୍ଥାନରେ "ଇଣ୍ଡିଆ" ନାମରେ ଚଳଣି ଜାରି ରହିବା କେବଳ ଯେ ଦୁର୍ଭାଗ୍ୟ ତା ନୁହେଁ ଏହା ଅଲୋକତାନ୍ତ୍ରିକ ଏବଂ ଜନବିରୋଧି ମଧ। କ'ଣ ବିଶ୍ୱମାନଚିତ୍ରରେ "ଭାରତ" ନାମରେ କୌଣସି ଦେଶ ଅଛି ? କ'ଣ କେହି ବିଦେଶୀ (ବିଶ୍ୱର ଅନ୍ୟଦେଶର ଲୋକ) "ଭାରତ" ନାମରେ କୌଣସି ଦେଶର ଅସ୍ତିତ୍ୱ ବାବଦରେ ଜାଣିଛନ୍ତି ? କ'ଣ ଭାରତ ପରିଭ୍ରମଣରେ ଆସୁଥିବା ବିଦେଶୀ ଜାଣନ୍ତି ଯେ ସେମାନେ "ଭାରତ" ଦେଶରେ ଅଛନ୍ତି ? ଭାରତୀୟ ସ୍ୱାଧିନତା ଅଧିନିୟମ ୧୯୪୭ ଅନୁସାରେ "ଇଣ୍ଡିଆ" ତ ସ୍ୱାଧିନ ହୋଇଗଲା ହେଲେ ମହାନ "ଭାରତ" ନାମରେ ଅସ୍ତିତ୍ୱ ହଜିଗଲା। ଯେଉଁ ଦେଶ ମାନେ ସ୍ୱାଧିନ ହେବା ପରେ ତାଙ୍କର ମୂଳ ନାମ ପୁନଃ ସ୍ଥାପିତ କରିଛନ୍ତି ସେମାନେ ହଲେ ଶ୍ରୀଲଙ୍କା, ସୁରିନାମ, ଘାନା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶ। ସ୍ୱାଧିନତା ପୂର୍ବରୁ ଶ୍ରୀଲଙ୍କାର ନାମ ଥିଲା ସିଲୋନ କିନ୍ତୁ ସ୍ୱାଧିନତା ପରେ ହେଲା ଶ୍ରୀଲଙ୍କା। ଡ଼ଚ୍ ?ଗୁ ଆନାର ନାମ ସୁରିନାମ, ଗୋଲ୍ଡକୋଷ୍ଟରୁ ଘାନା, ଉତ୍ତର ରୋଡ଼େସିଆରୁ ଜାମ୍ବିଆ ଏବଂ ଦକ୍ଷିଣ ରୋଡ଼େସିଆ ସ୍ୱାଧିନତା ପରେ ଜିମ୍ବାୱେ ହୋଇଥିଲା। ଜାମ୍ବିଆର ସ୍ୱାଧିନ ହେଲା ପରେ ତାର ନାମ ତାଞ୍ଜାନିଆ ଏବଂ ଫାରସର ନାମ ଇରାନ, ମେସୋପଟାମିଆର ଇରାକ, ଫର୍ମୋସା ସ୍ୱାଧିନ ହେବା ପରେ ତାଇଓ୍ୱାନ ହେଲା। ସ୍ୱାମ ହେଲା ଥାଇଲାଣ୍ଡ, ବର୍ମା ହେଲା ମ୍ୟାମାର, ହଲାଣ୍ଡ ହେଲା ନେଦରଲ୍ୟାଣ୍ଡ, ଦକ୍ଷିଣ ପଶ୍ଚିମ ଆଫ୍ରିକା ହେଲା ନାମ୍ବିଆ।

ଆମ ଦେଶରେ ଅନେକ ସହରର ନାମକୁ ବଦଳାଯାଇଛି। ବମ୍ବେକୁ ମୁମ୍ବାଇ,କଲକତାକୁ କୋଲକତା, ମାଡ୍ରାସକୁ ଚେନ୍ନାଇ, ବେଙ୍ଗଲୋରକୁ ବେଙ୍ଗାଲୁର, ଆଲହାବାଦ କୁ ପ୍ରୟାଗରାଜ, ଗୁଡ଼ଗାଓଁକୁ ଗୁରୁଗ୍ରାମ, ପଣ୍ଡିଚେରୀକୁ ପୁଡୁଚେରୀ, ବରୋଦା କୁ ବହଦୋରା, ତ୍ରିଭେନ୍ଦ୍ରମକୁ ଥିରୁଅନନ୍ତପୁରମ ଓ୍ୱାଲଟିୟରକୁ ବିଶାଖାପାଟଣା, ତାଞ୍ଜୋର କୁତଞ୍ଜାବୁର, କନୟୋରକୁ କାନପୁର, କାଲିକଟକୁ କୋଟ୍ ?କୋଡ଼, କ୍ୟାପ କେମରିନକୁ କନ୍ୟାକୁମାରୀ, ମୋଗଲସରାଇକୁ ଦୀନଦୟାଲ ନଗର, ଓ ହୋସଙ୍ଗାବାଦକୁ ନର୍ମଦାପୁରମ୍ ଭଳି ଆହୁରି ଅନେକ ସହର ଅଛି ଯାହାର ନାମ ପରିବର୍ତ୍ତନ କରାଯାଇଛି। ୨୦୧୧ରେ ଓରିସା ରାଜ୍ୟର ନାମ ପରିବର୍ତ୍ତନ କରାଯାଇ ଓଡିଶା କରାଯାଇଥିଲା। କେନ୍ଦ୍ର ସରକାର ଏବେ ଆହୁରି ଅନେକ ସହରର ନାମ ପରିବର୍ତ୍ତନ କରିବାକୁ ଯାଉଛନ୍ତି। କେବଳ ଏତିକି ନୁହେଁ ଅନେକ ଗାଁ, ଜିଲ୍ଲା, ରେଳଷ୍ଟେସନ, ସଂସ୍ଥାନ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମ ମଧ ପରିବର୍ତ୍ତନ କରାଯାଇଛି। ସ୍ୱାଧିନତା ପ୍ରାପ୍ତିର ୭୫ ବର୍ଷ ପୁରା ହେବା ପରେ "ଆଜାଦୀ କା ଅମୃତ ମହୋତ୍ସବ" ପାଳନ କରାଯାଉଛି। ଏହି ଅବସରରେ ସଂସଦରେ ସମ୍ବିଧାନର ଅନୁଚ୍ଛେଦ ୧(୧)ରେ ସଂଶୋଧନ କରାଯାଇ ଦେଶର ନାମ "ଇଣ୍ଡିଆ ଦ୍ୟାଟ ଇଜ ଭାରତ" ପରିବର୍ତ୍ତେ "ଭାରତବର୍ଷ ଦ୍ୟାଟ ଇଜ ଭାରତ" ଅଥବା କେବଳ "ଭାରତ" କରାଯିବ ପାଇଁ ସରକାର ଉଦ୍ୟମ କରିବା ଆବଶ୍ୟକ। ଫଳତଃ ଏଇ ମହାନ ଦେଶର ଇଂରାଜୀ ନାମ ଇଣ୍ଡିଆ ସ୍ଥାନରେ ନିଜର ମୂଳ ପ୍ରାଚୀନ ନାମ ଭାରତ ଭାବେ ପରିଚିତ ହୋଇ ପାରିବ।


+ରାମଚନ୍ଦ୍ରପୁର, ରଣପୁର

ମୋ :-୯୪୩୮୪୮୫୦୯୪





### ସୌଭାଗ୍ୟର କଥା

**ଦୀପକ କୁମାର ନାଏକ**



ଜୀବନରେ କେବେ ଭାବି ମୁଁ ନଥିଲି
ସାମ୍ବାଦିକଟିଏ ହେବି
ଦିନରାତି ପରିଶ୍ରମ........କରି ମୁହିଁ
ଲୋକଙ୍କର ସେବା କରିବି ।
ହଠାତ୍ କେଜାଣି କେମିତି ହୋଇଲା
ଜାଣି ପାରିଲିନି ମୁହିଁ
ଭଗବାନ ବୋଧେ ମୋଠୁ ଚାହୁଁଥିଲେ
ଜନତାଙ୍କ ସେବା ପାଇଁ ।
ସେବାରେ ଯେତିକି ଆନନ୍ଦ ମିଳଇ
ଅନ୍ୟ କେଉଁଥିରେ ନାହିଁ
ସେବା କରିବା ମୋ ଭାଗ୍ୟରେ ମିଳିଛି
ବଡ ଭାଗ୍ୟବାନ ମୁହିଁ ।
ସେହି ଦିନଠାରୁ ପଛକୁ......ନଚାହିଁ
ଚାଲିଛି ଆଗକୁ ମାଡି
ଈଶ୍ୱର ଚାହିଁଲେ ତୁମେ ସାଥ୍ ଦେଲେ
ଚଢିବି ଜୀବନ ଶିଡି
ଚଢିବି ଜୀବନ ଶିଡି ।


+ଗଣ୍ଡାନାଳୀ, ହିନ୍ଦୋଳ
ଢେଙ୍କାନାଳ- ୭୫୯୦୨୧
ମୋ: ୮୬୩୭୨୬୧୮୨୮


### ପାଣି କଖାରୁ

**ସଂଜୟ କୁମାର ମିଶ୍ର**



ପାଣି କଖାରୁ ରେ ପାଣି କଖାରୁ
ଦିଶୁଥାଉ ତୁହି ଭାରି ସୁଚାରୁ
ପାଣି କଖାରୁରେ ପାଣି କଖାରୁ।

ସବୁଜ ଶୁକଳ ରଂଗକୁ ଧରୁ
ଶାନ୍ତିର ବାର୍ତ୍ତାଟି ମିଳେ ତୋ ଠାରୁ
ପାଣି କଖାରୁରେ ପାଣି କଖାରୁ।

ଜିଭ ପାଣି ହୁଏ ତୋର ଖଟାରୁ
ମିଠା ଜଣାପଡେ ଶାଗ ବଡିରୁ
ପାଣି କଖାରୁରେ ପାଣି କଖାରୁ।

ମଙ୍ଗଳ କାମରେ ରହୁ ଆଗରୁ
ଶୁଭ କାମନା ତୁ ସଭିଙ୍କୁ କରୁ
ପାଣି କଖାରୁରେ ପାଣି କଖାରୁ।

ତ୍ୟାଗ ଜଣାପଡେ ତୋର ବଳିରୁ
ଅନେକ ଜୀବନ ରକ୍ଷା ତୁ କରୁ
ପାଣି କଖାରୁରେ ପାଣି କଖାରୁ।


+ତେନ୍ତୁଳିମହଦା,
ବି.ଏମ.ପୁର, ସୁବର୍ଣ୍ଣପୁର


### ଚିନି କମ

**ସୁନନ୍ଦା ମହାନ୍ତି**



ଲୁଣ ଓ ଚିନି ଆଜି ଘାତକ
ଲକ୍ଷ୍ମଣ ନାୟକ ଖାଉଥିବା
ଅଲଣା ଜାଉ
ପ୍ରଥମ କୁଣିଆଙ୍କୁ ଭେଟି
ମିଠା ପ୍ରଥା ଥାଉ
କୋଉ ପାଣି କୁଆଡେ ଯାଉଛି ଯାଉ
ଚିନି ଲୁଣ କମ ଥିଲେ
ସେବେକାର ଶାଶୁ
ପାଲଟନ୍ତି ମଣିଷରୁ ଦସ୍ୟୁ
ବୋହୂଟିର ଅଦେଖା ଅଶ୍ରୁ
ପଣତରେ ପୋଛା ହୁଏ
କିଛି ମାଟି ଛୁଏଁ
ଆଜିକା ଶାଶୁ ପଣିଆ
ଜାହିର କରିବା ପାପ
ଶିଖେଇବା ବତେଇବା
ନିଆଁସରି ଅନୁତାପ
ଶାଶୁମାଆ ନବଦଳିଲେ କଥା
ବଦଳିଲେ କଥାରୁ ନଥା
କିନ୍ତୁ ଚାରେ ଚିନି କମ ଦେବୁ କହି
ଡାକ୍ତରଙ୍କ ନାଆଁ ନେଇ
ଜାହିର କରନ୍ତି କେହି କେହି
ସବୁ ଯାଉ ଚୁଲିକି
ଚୁଲି କୋଉ ଆଉ ଅଛିକି
ଚିନି କମ ଖାଲି ଶାଶୁ କାହିଁକି
ସମସ୍ତେ ଘୋଷୁଛନ୍ତି
ଜାପାମାଳି କରିକି
ରାଗ ରୋଷ ପରିହରି
ସ୍ୱାର୍ଥ ସର୍ତ୍ତ ତ୍ୟାଗ କରି
ପୁରୁଣା ଓ ନୂଆ ଶମିଶ୍ରଣରେ
ଚିନି କମ ଥିଲେ
ହସ ଫୁଟେ ପଦ୍ମ ପରି
ଗାଈ ହମା ଡାକ ପରି
ଶୀତ ବର୍ଷା ଖରା କରୁ ଯେତେ ସରି
ଚିନି କମ ଥିଲେ ଶୀତ ଚାରେ
ସୁଆଦ ଭାରି।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୭ ଡିସେମ୍ବର ୨୦୨୪, ମଙ୍ଗଳବାର

# କବିତାମାଳା

## କଷ୍ଟ
### ବିନୟାନନ୍ଦ ବସ୍ତସ୍ୟ



ମଲା କଷ୍ଟ ସିନା
ମଲା ଲୋକ ଜାଣେ
ଜୀଇବାଲୋକ କି ଜାଣେ,
ଜୀଇଥିବା ଲୋକ ଯନ୍ତ୍ରଣା ବେଦନା
ମଲା ଲୋକ କିବା ଜାଣେ,
ଜୀଉ ଜୀଉ ମରୁଥାଏ,
ଅସୁମାରୀ ମିଛ ଆଶା ଆକାଂକ୍ଷାରେ
ମରୁ ମରୁ ଜୀଉଥାଏ।

ବେଳେ ବେଳେ ଲାଗେ କାହିଁକି ରହିଛି
ନିଲଠା ପ୍ରାଣଟା ମୋର,
ଅପମାନ ଘୃଣା ଅସୂୟା ଯାତନା
ନାକଟେକା ବ୍ୟବହାର,
ଭୃକୁଞ୍ଚନ ଅଣଦେଖା,
ସହି ସହି ଛାତି
ପଥର ହେଲାଣି ଜୀବନ ଲାଗେ ପରୀକ୍ଷା।

ଧନୀ ସଙ୍ଗେ ଧନୀ, ମାନୀ ସଙ୍ଗେ ମାନୀ
ଗରିବ ସଂଗେ ଗରୀବ,
ଦୁଃଖୀ ସଂଗେ ଦୁଖୀ,
ରଙ୍କି ସଂଗେ ରଙ୍କି

ରୋଗୀ ସଂଗେ ରୋଗୀ ଭାବ,
ହୋଇ ନ ପାରୁଛି ଲବେ,
ଯିଏ ଯେଉଁପରି ତା ପରି ହୋଇବା
ମିଛେ ମିଛେ ବସି ଭାବେ।

ଏ ଦୁଃଖ ଯନ୍ତ୍ରଣା
ଉପଶମ କେବେ
ହୋଇବନି ଏ ଜୀବନେ,
ନିଜକୁ ନ ଭାବି ବିଶ୍ୱାସ ହରାଇ
ବୁଲୁଛି ଏ ଭବ ବଣେ,
ସନ୍ଦେହ ବିନା କାରଣେ,
ପ୍ରତି ଯନ୍ତ୍ରଣାର ନିଜେ ହିଁ କାରଣ
ପରେ ଭାବେ ଅକାରଣେ।

ବଂଚିବା ଯାହାର କଷ୍ଟ ହେଉଅଛି
ଅତୀତକୁ ଗଲେ ଫେରି,
କାରଣ ନିଶ୍ଚିତ ପାଇଯିବ ପରା
ନିଜେ ପ୍ରାୟଶ୍ଚିତ କରି,
ସୁଧାର ଆସିବ ପ୍ରାଣେ,
ଯିଏ ପାଇନାହିଁ ଦୁଃଖର କାରଣ
ସୁଖ କାହିଁ ତା ଜୀବନେ।

ଯେମିତି ମୁଁ ଅଛି ସେମିତି କେ ଅଛି
ଆଖି ବୁଲାଇ ଦେଖିଲେ,
ଦେଖିବ କେତେ ଯେ ତୁମଠାରୁ ଉଚେ
ନୀଚେ କେତେ ତୁମ ତୁଲେ,
ଦୁଃଖ ଯିବ ମନୁ ଭୁଲି,
ନିଜ ସହ କେବେ ତୁଳନା ନ କରି
ନିଜ ବାଟେ ନିଜେ ଚାଲି।

ଭାବିବ ଯେବେ ମୁଁ
ଦୁଃଖେ ଅଛି ବୋଲି
ସୁଖ ବି ଲାଗିବ ଦୁଃଖ,
ଦୁଃଖେ ଥାଇ ସୁଖେ ଥିବାର କଳ୍ପନା
ଜୀବନର ରୂପରେଖ,
ସାଧୁଜନେ ଏ ପ୍ରକାର,
ଜୀବନ ବଞ୍ଚନ୍ତି ସେବା କାର୍ପଣ୍ୟରେ
କଷ୍ଟକୁ କରି ନିଜର।

♥ ନିଆଳ, ଖୋର୍ଦ୍ଧା

## ସାତଟି ଏକପଦୀ
### ଡ. ଭରତ ଚନ୍ଦ୍ର ଦାଶ



ଏକ ॥
ରକ୍ତଜବା ସମ ଶ୍ରୀତନୁର ବାସ
ଚହଟେ ରୂପର ରଙ୍ଗ
ଅଧରର ମଧୁ ପ୍ରୀତି ସୁଧା ସିନ୍ଧୁ
ମିଳନେ ପ୍ରଣୟୀ ସଙ୍ଗ।

ଦୁଇ ॥
ପ୍ରୀତି ଉଦ୍ୟାନର ମନ୍ଦାର ଗୋ ତୁମେ
ଶ୍ୱେତ ଲୋହିତର ରଙ୍ଗ
ରୂପ ଲାବଣ୍ୟର ବନ୍ଧନେ ବାନ୍ଧିଛ
ଲଭିବାକୁ ପ୍ରୀତି ସଙ୍ଗ ।

ତିନି ॥
କୃଷ୍ଣର ତମାଳ ମାଳ ମାଳ ? ହୋଇ
ଫୁଟିଛି ପ୍ରୀତିର ବନେ,
ଆସ ଗୋ ପ୍ରେୟସୀ ରୂପ ଗୁଣେ ରସି
ରାଗିଣୀ ତୋଳ ଗୋ ପ୍ରାଣେ ।

ଚାରି ॥
ଶୁଭ ସକାଳର ଅଭିନନ୍ଦନ ମୋ
କୃଷ୍ଣତମାଳରେ ଘେନ
ରକ୍ତିମ ଅଧର ପ୍ରୀତି-ସୁଧା-ଝର
ସ୍ନିଗଧ ମଧୁର ପ୍ରାଣ।

ପାଞ୍ଚ ॥
ମୋ ଆଖିରେ ତୁମେ ପ୍ରୀତିର ଅଞ୍ଜନ
ବୋଳିଛ ସରାଗେ ନେଇ
କେମିତି କହିବି ତୁମେ ମୋ ସ୍ପନ୍ଦନ
ହୃଦୟେ ଯାଇଛ ରହି।

ଛଅ ॥
ମୁଁ ଏମିତି ସଖି ମରିବି ବିଜନେ
ପଡିଥିବ ମୋର ଦେହ
ସୃଜନର ଧୂପ ମହକାଉ ଥିବ
ନ ଥିବ କାମନା ମୋହ।

ସାତ ॥
ଚାହିଁଲେ ବି ତୁମେ ଛୁଇଁ ପାରିବନି
ଲୁହ ଗଡାଇବ ଆଖି
ଭଲପାଉଥିଲି ତୋତେ ଲୋ ସଙ୍ଗିନୀ
କଳା କୋଣାରକ ସାକ୍ଷୀ।

♥ ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ସିମୁଳିଆ, ବାଲେଶ୍ୱର -୭୫୬ ୧୨୬
ମୋ:୮୯୮୪୪୩୯୧୬୬

## ଶୀତ ଏବେ ଖେଳୁଛି
### ଅକ୍ଷୟ କୁମାର ରାଉତ



ଶୀତ ଏବେ ଖେଳୁଛି ନଦୀ ପଠାରେ
କୁନି କୁନି ଲହଡ଼ି ସହିତ
କୁଙ୍କୁଡିକାଙ୍କୁଡ଼ି ହୋଇ ଶିକାର ପ୍ରତୀକ୍ଷାରେ
ନଦୀ ଜଳକୁ ଚାହିଁ ଥିବା
ବଗୁଲା ବାଗୁଲୀଙ୍କ ଡେଣା ସହିତ ।


ଶୀତ ଏବେ ଖେଳୁଛି ଶିଶୁଟିର ବାଥ୍‌ଟବ୍‌ରେ
ନଖି ବୁଢ଼ୀର ଚିରା ଚାଦର ସହିତ
ପୁଣି କେତେବେଳେ ଗଣିବୁଢ଼ାର
ଚିରାଧୋତି ସହିତ
ଶୀତ ଏବେ ଖେଳୁଛି ନଦୀ ତୁଠରେ
ଗାଁ ମଠରେ ପୁଣି ପଶୁ ହାଟରେ...।

ଶୀତ ଏବେ ଖେଳୁଛି ଗାଁ ଗୋଠରେ
ବାଡି ପଛରେ ନବଜାତ କୁକୁର ଛୁଆଙ୍କ ସହିତ
କେତେବେଳେ ନବଜାତ ବାଛୁରୀ ସହିତ
ପୁଣି କେତେବେଳେ ନବଜାତ ଛେଳି ଛୁଆ
ସହିତ
ପୁଣି କେବେକେବେ ରମା ବୋଉର ଖଡା
ଶାଗ ସହିତ ।

ଶୀତ ଏବେ ଖେଳୁଛି ଗହମ କ୍ଷେତରେ,
ସାରୁ ପତ୍ରରେ
ଶୀତ ଏବେ ଖେଳୁଛି ସୋରିଷ କ୍ଷେତରେ
ଆଳୁ ପିଆଜ ଆଉ ପରିବା କ୍ଷେତରେ
ପୁଣି କେବେକେବେ ଗେଣ୍ଡୁ ଫୁଲରେ
ଆଉ କେବେକେବେ ସଜନା ଗଛରେ ।

♥ ବାଲକାଟି, ଆଳି,କେନ୍ଦ୍ରାପଡ଼ା

## ମୁଁ ଗୋଟେ ପଉଷ ଚିତ୍ର
### ନୀଳମଣି ଚାନ୍ଦ



ଶୀତର କାନଭାସରେ
ସମୟ ଆଙ୍କିଥିବା
ମୁଁ ଗୋଟେ ପଉଷ ଚିତ୍ର
ଆସ, ମନଭରି ଦେଖିନିଅ ମୋତେ।

ମୋ ଚିତ୍ରରେ କାକରର ମୁକ୍ତା
ସୋରିଷ ଫୁଲର କ୍ଷେତ
ଠିଆ ହୋଇ ଚାହୁଁଥିବା ସୂର୍ଯ୍ୟମୁଖୀକୁ
ଅବଲୋକନ କର।

ଚିତ୍ରରେ କୁହୁଡିକା,
ପ୍ରାତଃ ଭ୍ରମଣରେ
ବାହାରିଥିବା କିଛି ମଣିଷ
କୁଂକୁଟି କାଂକୁଟି ହୋଇ ବସିଥିବା
ଦୁଃଖୀମଣିଷମାନେ ଫିକା ଦିଶୁଥାନ୍ତି।

ଏ ଚିତ୍ର ହୁସେନ ଓ
ରାଫେଲଙ୍କ ଚିତ୍ରଠୁଁ ଭିନ୍ନ
ହୁଏତ ତୁମକୁ ଭଲ ଲାଗିପାରେ।

♥ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଆଉ ତୋ ଗଳିରେ ରଖୁନି ମୋ ପାଦ
### ତାରାପ୍ରସାଦ ଜେନା



ଆଉ ତୋ ଗଳିରେ ରଖୁନି ମୋ ପାଦ
ସାଧୁରୁ ଲାଗୁଛି ଚୋର
ପ୍ରେମଟା କରିବା ବିପଦ ଏମିତି
ଛାତିରେ ଛାତିଏ ଡର ।

ମୋହର ଦରଜା ଫିଟେଇ ଦେବାକୁ
କହୁନି ମୋ ମନ ସତ
ଫୁଲର ସବାରୀ ଉଠାଇ ନେବାକୁ
ଯାଉନି ଏଇ ମୋ ହାତ
ଆଖିର ସପନ ଲୁହରେ ବିକଳ
ଭାଙ୍ଗୁଛି ଆଶାର ଘର
ଆଉ ତୋ ଗଳିରେ...

ତୋ ରୂପ କୁହୁକ ବଳେଇ ପଡୁନି
ଭାବର ଅଭାବ ଆଣେ
ସ୍ମୃତିରେ ଜୀଇବା ସମ୍ଭବ ହେଉନି
ନିଜକୁ ଅକ୍ଷମ ମଣେ
ହାରିବା ଲୋକର ବଇଁଶୀ ବେସୁରା
ଶୁଣିଦେ ଗୋଟିଏ ଥର
ଆଉ ତୋ ଗଳିରେ.....

♥ ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
(ମୋ) ୯୩୪୮୦୫୪୩୦୦

## ଶୀତ
### ରବି କୁମାର ମହାନ୍ତି



ତୁମେ ବେଶ୍ ପ୍ରେମ କରିପାର ଶୀତ
ସହଜରେ ଭାବ ଯୋଡ଼ି
ରାତିକୁ ସ୍ୱପ୍ନ ମୟ
ଏବଂ ସ୍ୱପ୍ନ ସବୁକୁ ନାଆ କରି
ଭସେଇ ପାର
କୁହୁଡି ସୁଅରେ
ତୁମ ଆଲିଙ୍ଗନର ଚମତ୍କାରିତା ରେ
ମୁଗ୍ଧ କରିପାର
ଦେହରୁ ସୃଜନର ଶୃଙ୍ଗାର ଯାଏ
ନଈ ପଠାରୁ
ନିଦର ନୀଳ ନୀଳ ନଅର
ତୁମ ଗାଢ଼ ସାନ୍ନିଧରେ ଜୀବନ୍ୟାସ ପାଏ

ଶୀତ ତୁମେ,
ଏକାଠି କରି ପାର ଅଲଗା ଦିଶୁଥିବା
ଦେହର ଚିତ୍ର ସବୁକୁ
ଗୋଟିଏ ଛାତିର ଛାତ ତଳେ
ଫେଣ୍ଟି ପାର ଅଲଗା ରଂଗ ବୋଲି
ହୋଇଥିବା
ଇଚ୍ଛା ମାନଙ୍କୁ ଗୋଟିଏ ଚୁମାର ତୁଳିରେ
ତୁମ ପ୍ରେମୀକପଣର ତୁଳନା ନାହିଁ
ନିଃଶ୍ୱାସ ମାନେ ଅନେକରୁ
ଏକ ହେଲା ବେଳେ
ଯେଣୁ ତୁମେ ଝୁଲିପାର
ବିନ୍ଦୁ ବିନ୍ଦୁ ଝାଳର ଦୋଳିରେ

ତୁମେ ଖୁବ୍ ଖୁସି ହୁଅ
ଇତସ୍ତତଃ ପଡିଥିବା ପୁଲକ ମାନଙ୍କୁ
ଗୋଟେଇ ଆଣି
ସଜେଇବାରେ ଗୋଟିଏ ସ୍ତବକରେ
ବିଭୋର ହୁଅ ବୀରହରେ ଝଡି ପଡୁଥିବା
ଶୋଷର ପତ୍ର ସବୁକୁ ସାଉଁଟି ଆଣି
ଗୁନ୍ଥି ଦେବାକୁ ପଲକରେ
ଶୀତ ତୁମେ ମିଳନର ମହୋତ୍ସବ
ରାତି ଶେଷ କାକର କୁଞ୍ଜରେ

ତୁମେବି ତ ଲାଖି ଥାଅ
ନରମ ଖରାରେ ଘାଲେଇ ପଡ଼ିଥିବା
ଓଦା ଚିବୁକରେ
ଆମୋଦିତ ହୋଇପାର ତୁମେ
ଭୋକିଲା କବି ଟିଏ ଶୋଇଗଲେ
ଗହମ ନିଦରେ
ନିଜ ଗଢା ଶବ୍ଦ ପଲଙ୍କରେ ।

♥ମାତୃ ନୀଡ଼
କମାରିଆ, ଜି- ଭଦ୍ରକ
ମୋ: ୭୦୬୪୭୭୮୨୪୭

## ଅଭିମାନ
### ରତ୍ନକାନ୍ତି ମିଶ୍ର



ଅନୁଭବି ଅଛି ଜୀବନେ କେବଳ
ଆଲିଙ୍ଗନ ଦୁର୍ଦ୍ଦିନର
ଅଘଟଣ ସହ ବଞ୍ଚିଛି କେବଳ
ଏଇ ମୋର ଅଙ୍ଗୀକାର ।

ଅସମାପ୍ତ ଏଇ ଚାଲିବାର ପଥ
ସତେକି କଣ୍ଟକମୟ
ଅସହ୍ୟ ଲାଗଇ ଜୀବନ ଯନ୍ତ୍ରଣା
ଦୁର୍ନିର୍ବାର ଦୟନୀୟ,
ଅମାନିଆ ହୋଇ ଆଖିରୁ ଝରୁଛି
ଅସହାୟତାର ଲୁହ
ଅନୁରାଗ କା'ର ମୋପାଇଁ ଦୁରୂହ
ବୁକେ ଅସରନ୍ତି କୋହ ।

ଅସ୍ତାଚଳେ ସତେ ଡୁବିଯାଏ ଭାଗ୍ୟ
ପାଦତଳେ ଚୋରାବାଲି
ଅମୀୟ ଆନନ୍ଦେ ହସି ମୁଁ ପାରୁନି
ଥରୁଟିଏ ମନଖୋଲି,
ଅଣାୟତ୍ତ ପ୍ରାୟେ ସଂସାରର ବୋଝ
ଦୁନିଆଟା ଲାଗେ ମିଛ

ଅନ୍ତର୍ଦାହ ମୋର ବୁଝନ୍ତିନି କେହି
ବଞ୍ଚିବା ଲାଗଇ ତୁଚ୍ଛ ।

ଅଜଣା ଆତଙ୍କେ ଶିହରି ଉଠେ ମୁଁ
ଶୂନ୍ୟ ଲାଗେ ଭବିଷ୍ୟତ
ଅସାଧ ଅଲଭ୍ୟ ସ୍ୱପ୍ନ ତୁଟିଯାଏ
ଭାଗ୍ୟ ଫଳ ବିପରୀତ,
ଅନ୍ତରାତ୍ମା ମୋର ବିଳପି ଉଠଇ
ତୁମରି ସାନ୍ନିଧ ପାଇଁ
ଅମ୍ଳାନ ଖୁସିରେ ମହକିତ କର
ମୋତେ ହେ ଜଗତ ସାଇଁ।

♥ ଆଳି, କେନ୍ଦ୍ରାପଡା

## ନିଶାଡି
### ଅନସୂୟା ପଣ୍ଡା



ନିଶାଖୋରିଙ୍କ ମହାକୁମ୍ଭରେ
ମନ୍ତ୍ର ସ୍ନାନ କରୁକରୁ
ଖୁସିମାନେ ହଜିଯାଆନ୍ତି ଦୁର୍ଦ୍ଦିନ ଅନ୍ତରାଳରେ
ଭୋକ ପେଟ ବିଳାପରେ
ପରିବାର ଷଢ଼ୁଥାଏ
ମନ ଗବ୍ ଗବ୍ ଫୁଟେ ବିନା ନିଆଁରେ।


ଅଦୃଶ୍ୟରେ ଝଡିପଡୁଥାଏ
ଆଶା ଅଭିଳାଷା ଆକାଂକ୍ଷା ଅନୁରାଗ
ଆବେଗ
ନିଶାଡିଙ୍କର ଅନ୍ତରୀକ୍ଷରେ
ଉପେକ୍ଷାର ଗୋଳି ପାଣିରେ
ଛଟପଟ ହେଉଥାଏ ପରିବାର
ଇହଜନ୍ମ ସନ୍ତୁଳି ହେଉଥାଏ
ଘୃଣାର ଗରମ ତାୱାରେ।

ଆଖି ବରଷୁଥାଏ ତମାମ ଦିନ ରାତି
ଶାନ୍ତିର ମୂହୁର୍ତ୍ତ କିଛି ଚାଖିବାର ଚେଷ୍ଟାରେ
ମଦ ମହୋତ୍ସବ ଲୁଟିନିଏ ମାଦକତା
ଜୀବନର / ଆର୍ଦ୍ରତା ସମ୍ପର୍କର
ଶ୍ରୀହୀନ ଆର୍ତ୍ତସ୍ୱର ଗୁଞ୍ଜାରୁଥାଏ
ଅକ୍ଷାଂଶରୁ ଦ୍ରାଘିମା ଯାଏ।
କେବଳ ଅନ୍ଧାର ଚଢା ଆଖିରେ
ଆବୋରି ଚାଲିଥାଏ ପାଦେ ପାଦେ ଜୀବନ
ମଦର ଏ ଆଦିମ ଲୁଣ୍ଠନର ଖେଳ
ସରିଯାଆନ୍ତାନି ଭୂଲୋକରୁ
ଯୁକ୍ତିସିଦ୍ଧ ଉଦାମତାର ବିଦ୍ରୋହରେ
ତିଆରି ହୁଅନ୍ତା ମଦ ଶୂନ୍ୟ ଦେଶ।

କିଛି ପିଲା ମଣିଷ ହୁଅନ୍ତେ
କିଛି ଦୁଷ୍କର୍ମରୁ ନିବୃତ ଯାଆନ୍ତେ
ଜୀବନ ଆଲୋକରେ ଉତ୍ତୀର୍ଣ୍ଣ ହୁଅନ୍ତା
ଦାମ୍ପତ୍ୟ ସବୁଜ ସୁଖରେ ଝଟକନ୍ତା
ଆ... ହା କି ପୂର୍ଣ୍ଣତା ପରିତୃପ୍ତିର
ମଣିଷର ସମାଜରେ ବିସ୍ତରନ୍ତା।

♥ବୁର୍ଲା, ସମ୍ବଲପୁର
ମୋ: ୯୪୩୭୪୨୦୪୦୯

## ସ୍ମୃତିର ଦୁର୍ଗମ ପଥ
### ସୁଧାକର ରାଉତ



ଆଶାର ଫରୁଆ ତଳୁ
ସିଏ ଉଙ୍କି ମାରେ
ଅନିଚ୍ଛା ସତ୍ତ୍ୱେ ବି କରାଘାତ କରେ
ମୋ କୋମଳ ଦ୍ୱାରେ ।

ଅନୁମତି ଦିଏନି ମୁଁ ସତ
ମନା ବି ନ କରି ପାରେ ତା'ରେ ।
ହୃଦୟ ଗର୍ଭରେ ଦିଏ
ସିଏ ଆଶ୍ଳେଷ ଚୁମ୍ବନ
କଣ କେଜାଣି ଭାବେ
ମୋ ସନ୍ତାପିତ ପ୍ରାଣ !
ଦୁର୍ଭାଗ୍ୟ ସଙ୍ଗତେ ଲଢି ଲଢି
ଦୂର କରେ ସବୁ ବାଧା
ଆଉ ଦୁର୍ଲଙ୍ଘ୍ୟ ଅନ୍ତରାୟ
ତା ପାଇଁ ତେଜିଛି
ଜୀବନର ସ୍ୱାଛନ୍ଦ, ପ୍ରୟୋଜନ ।
ସେ କିନ୍ତୁ ଚୌର୍ଯ୍ୟବୃତ୍ତି କରି
ମୋ ମନର ଝରକାରେ ପଶି
ଶାନ୍ତିର ଭଣ୍ଡାର କରଇ ଲୁଣ୍ଠନ ।
ସତେ ମୋ ମନରେ
ତାର ଜନ୍ମଗତ ନାଯ୍ୟ ଅଧିକାର
ସିଏ ମୋର ସ୍ମୃତି
ପ୍ରବାହିତ ହୁଏ ସିଏ
ଅହରହ ସୃଷ୍ଟି କରି ମଧୁର ଗୁଞ୍ଜନ ।

♥ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ଭୂତ
### ଜ୍ୟୋତିରେଖା ସାହୁ



ତୁମେ କଣ ସତରେ ଅସୁନ୍ଦର,
କଣ ସତରେ ଭୟଙ୍କର,
କାହିଁକି ଏ ମିଛ ଦୁନିଆଁ,
ତୁମର ଅସ୍ତିତ୍ୱକୁ କରି ଦେଇଛି ଅବାନ୍ତର।
ତୁମେ ଏ ମାୟା ସଂସାରରୁ ତରିଗଲଣି,
ତେବେ କାହିଁକି ଏ ପ୍ରହେଳିକା,
ତୁମ ନାମରକୁ ପ୍ରଚାର ପ୍ରସାର,
କାହିଁକି ଉଠେ ଏତେ ପ୍ରଶ୍ନ ତୁମକୁ ନେଇ।
ତୁମେ କଣ ସତରେ ଧବଳ ବସ୍ତ୍ର ପିନ୍ଧ ?
ଧଳା ଯଦି ଶାନ୍ତିର ପ୍ରତୀକ ହୁଏ,
ତେବେ ତୁମେ ଅଶାନ୍ତ କିପରି ?
ଯଦି ଧଳା ଶୁଭ ହୁଏ ତୁମେ ଅଶୁଭ କିପରି ?


ତୁମେ କଣ ସତରେ ଅସହ୍ୟ ଶବ୍ଦ କର ?
କାହିଁକି ଶବ୍ଦରେ କଣ ତୁମର
ମଧୁରତା ନାହିଁକି ?
ତୁମେ କଣ ଅଦୃଶ୍ୟ ପରି ଆସିଥାଅ ?
ଏତେ ଭୟଙ୍କର ପରିବେଶ ସଜେଇ ଦିଅ।
ତୁମେ କଣ ଚାହିଁନ ହସ କାନ୍ଦ କରିବା
ପାଇଁ ?

ଅବା ଚାହିଁନ ମନର ଭାବ ପ୍ରକାଶ ପାଇଁ ,
କାହିଁକି ଏକାକୀ ରହିବାର ଅଭ୍ୟାସ କରିନିଅ
ଅଥବା ଦୁନିଆ ଦେଇନି
ତୁମକୁ କୌଣସି ସୁଯୋଗ ??
ତୁମେ କଣ ଅନ୍ୟର କ୍ଷତି କରି ଶାନ୍ତି ପାଅ ?
ଅବା ନିଜର ଖୁସି ପାଇଁ ଅନ୍ୟକୁ ମାରି ପାର,
ନା ମଣିଷ ଅଶିକ୍ଷାରୁ ତୁମକୁ ଦାୟୀ
କରିଥାଏ,
ଡରିଲେବି ତୁମକୁ ସେ
ନାୟକର ଆଖ୍ୟା ଦିଏ !
ତୁମେ କଣ ସତରେ ଦୁନିଆ ଆଗକୁ
ଆସିବନି ?

କଣ ତୁମେ ଭଲ ବୋଲି ଗଣା
ହୋଇପାରିବନି ?
କଣ ତୁମକୁ କେହି ସୁନ୍ଦର କହିବେନି ?
କଣ ତୁମକୁ ଆଉ କେହି ନ ଡରି ଭଲ ପାଇ
ପାରିବେନି..

♥ଜଗତସିଂହପୁର, ନାଉଗାଁ, ଛତିଆନା
ମୋ:୭୮୪୬୮୬୯୫୪୬

## ଇଏ ପରା ଶୀତ ଦିନ
### ଜୟକୃଷ୍ଣ ସାହୁ



ଶୀତ ସକାଳରେ ମନ ଚାହିଁଥାଏ
ଖରାର ଉଷୁମ ତାତି
ଜେଜେ ଲୋଡ଼ିଥାନ୍ତି ତା' ପିଇବାକୁ
ନାତି ପରି ଏକ ସାଥୀ।
ଶରୀର ଲୋଡ଼ଇ ଗରମ ପୋଷାକ
ମଥା ଲୋଡ଼େ ମଫଲର
ଜେଜେମା' ଲୋଡ଼ଇ ରଡ଼ ନିଆଁ ତାତି
ସେକିବାକୁ ତା' ଶରୀର।
ଗରମ ଗରମ ପିଆଜି ପକୁଡ଼ି
ଖାଇବାରେ ଥାଏ ମଜା
ଗରମ ମୁଢ଼ିର ସାଥେ ଖାଇବାକୁ
ଚନାଚୁର ହୁଏ ଖୋଜା।

ଉତ୍ତର ଦିଗରୁ ହେମାଳ ପବନ
ବହି ଦେଇଥାଏ ଦୁଃଖ
ବଣଭୋଜି କରି ଗାଆଁ ପିଲା ସବୁ
ସାଉଁଟି ଥାଆନ୍ତି ସୁଖ।
ପାଠଠାକୁରାଣୀ ଧନଠାକୁରାଣୀ
ଦୁହିଁଙ୍କର ହୁଏ ପୂଜା
ଖିରି ପୁରି ମିଠା ପିଠା ଖାଇ ଆମେ
କରିଥାଉ କେତେ ମଜା।
ଧାନ କ୍ଷେତେ ସୁନା ଫସଲ ଫଳାଇ
ଚାଷୀଭାଇ ହୁଏ ଖୁସି
ଶୀତରେ ଗରମ ପୋଷାକକୁ ପିନ୍ଧି
ଆସେ କୁନିଝିଅ ଲୁସି।
ବାଡ଼ିରେ ପରିବା ହାଟ ବସିଥାଏ
ଗେଣ୍ଡୁଫୁଲ ଫୁଟି ବାସେ
ପରଜାପତିଟା ସଜ ଫୁଲ ଦେଖି
ମନେ ମନେ ଭାରି ହସେ
ଇଏ କେମିତିକା ଦିନ,
ଯେଉଁ ଦିନ ପାଇଁ ଝୁରି ହେଉଥାଏ
ଆମ ସେ ଅବୁଝା ମନ।

♥କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

# ଡାଲମିଆ ରାଜଗାଙ୍ଗପୁର ଦୁର୍ଘଟଣା ମାମଲା: ୨ୟ ଓଭରହେଡ କନଭେୟର ଲାଗି ଅନୁମତି ନିଆଯାଇନି, ମାମଲା ହାଇକୋର୍ଟଙ୍କୁ ଗଲା

ରାଉରକେଲା, ୧୬/୧୨ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଟ କାରଖାନାର ଏକ ଓଭରହେଡ କନଭେୟର ବେଲ୍ଟ ଗତ ୨୬ ତାରିଖରେ ଭୁଷୁଡି ପଡିବା ପରେ ପୌରପାଳିକା ସେଥିଲାଗି ଦେଇଥିବା ଏନ୍‌ଓସି ପ୍ରତ୍ୟାହାର କରିନେବାରୁ ଡାଲମିଆ ପକ୍ଷରୁ ଏନେଇ ହାଇକୋର୍ଟ ଙ୍କ ପାଖରେ ପହଁଚି କନଭେୟର ବେଲ୍ଟ ପୁର୍ନବାର ପ୍ରତିଷ୍ଠା ଲାଗି ନ୍ୟାୟ ଭିକ୍ଷା କରିଥିଲା, ତେବ ଏହି ମାମଲାରୁ ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସାଧାରଣ ଜନତାଙ୍କ ସୁରକ୍ଷାକୁ ନେଇ ଡାଲମିଆକୁ କିଛି ନର୍ଦ୍ଦେଶ ଦେବା ସହ ମାମଲାକୁ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଗ୍ରହଣ କରିବା ଲାଗି ହାଇକୋର୍ଟ କହିଥିବା ଜଣାପଡିଛି,ସେପଟେ ଏହି ଘଟଣାକୁ ନେଇ ନେଇ ସୁନ୍ଦରଗଡ ଜିଲ୍ଲାପାଳ ଖୋଳତାଡ କରିବାରୁ ଧସି ପଡିଥିବା କନଭେୟରର ପାଖ କନଭେୟର ବେଲ୍ଟ୍ଟ ପୌରପାଳିକାର ବିନା ଅନୁମତିରେ ନିର୍ମାଣ କରାଯାଇଥିବା ଖବର ମିଳିଛି। ତେବେ ଘଟଣାରୁ ପ୍ରକାଶ ଯେ, ଗତ ୨୬ ତାରିଖରେ ଡାଲମିଆ କଂପାନୀ ପୌରପାଳିକା ରାସ୍ତା ଉପରେ ନେଇଥିବା ୩ଟି କନଭେୟରବେଲ୍ଟରୁ ଗୋଟିଏ ଗତ ୨୬ ତାରିଖରେ ଭୁଷୁଡି ପଡିଥିଲା, ତେବେ ଏହି ସମୟରେ କେହି ତା ତଳେ ଯାତାୟତ କରିନଥିବାରୁ କାହାର ମୃତ୍ୟୁ ହୋଇ ନାହିଁ, ସାଧାରଣ ଜନତା ଙ୍କର ୨୪ ଘଂଟିଆ ଯାତାୟତ ରାସ୍ତା ଓ ସହରବାସୀଙ୍କର ମୁଖ୍ୟ ରାସ୍ତାରେ ଏହି ଭଳି ୨୦୦୬, ୨୦୦୯ ଓ ୨୦୧୫, ୩ଟିରେ କନଭେୟର ବେଲ୍ଟ ଓଭର ହେଡରେ ନିଆଜିବାକୁ ପୋରପାଳିକା ୨ଟିକୁ ଅନୁମତି ଦେବା ଓ ଡାଲମିଆ ତାକୁ ନିର୍ମାଣ କରିବା ପରେ ସେହି ରାସ୍ତାଟି ସହର ବାସୀଙ୍କ ଲାଗି ବିପଦ ପୁର୍ଣ ହୋଇ ରହିଥିଲା, ପ୍ରାଣ ବିକଳରେ ଭଗବାନଙ୍କୁ ଭରଷା କରି ସେ ରାସ୍ତାରେ ଲୋକେ ଯାତାୟତ କରୁଥିଲେ, ତା ଭିତରେ ଡାଲମିଆ ନିଜ ଚରିତ୍ରର ପରିଚୟ ଦେଇ ଗୋଟିଏ ବେଲ୍ଟ କୁ ବିନା ଅନୁମତିରେ ନିର୍ମାଣ କରିଥିଲା। ତେବେ ଗତ ୨୬ ତାରିଖରେ ଗୋଟିଏ ଭୁଷୁଡି ପଡିବା ଓ ଆଉ ଗୋଟିଏ ବେଲ୍ଟ ବିନା ଅନୁମତିରେ ନିର୍ମାଣ ହୋଇଥିବା ଖବର ଲୋକେ ପାଇବା ପରେ ସମସ୍ତେ ଆତଙ୍କିତ ହୋଇ ପଡିଛନ୍ତି। ଏହି ଘଟଣା ପରେ ଶ୍ରମିକ ସଂଗଠନ ସିଟୁ ଏନେଇ ମାମଲା ଥାନାରେ ଦାୟର ଲାଗି ଲିଖିତ ଅଭିଯୋଗ କରିବା ପରେ ସହର ବାସୀ ମିଳିତ ଭାବେ ମଧ ଏକ ଏତଲା ଲେଖିକି ଦେଇଛନ୍ତି, କିନ୍ତୁ ଏଯାଏ ରାଜଗାଙ୍ଗପୁର ପୁଲିସ ସେହି ଏତଲାକୁ ମାମଲା କରିନଥିବା ବେଳେ ମୋହନ ସରକାରରେ ପୁଲିସି ବ୍ୟବସ୍ଥା କିଭଳି ଶିଳ୍ପପତି ମାନଙ୍କ ସ୍ୱାର୍ଥରେ କାମ କରୁଛି ଓ ଏହା ହେଉଛି ତାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି। ପୂର୍ବତନ କାଉଁସିଲର ରମେଶ ସୋନୀ ଏଥିରେ ହସ୍ତକ୍ଷେପ କରି କହିଛନ୍ତି ଓଭର ପୋରପାଳିକା ପଦକ୍ଷେପ ସ୍ୱାଗତଯୋଗ୍ୟ କଂପାନୀ ତାଙ୍କ ସ୍ୱାର୍ଥ ଲାଗି ଲୋକଙ୍କ ଜୀବନ ସହ ଖେଳିପାରିବେ ନାହିଁ ସମ୍ବିଧାନ ମଧ ଏହା କହୁନାହିଁ ତେଣୁ ଯଦି ବେଲ୍ଟ ନେବାର ଅଛି ତେବେ ଅଣ୍ଡର ଗ୍ରାଉଁଣ୍ଡ କରି ନିଆଯାଇପାରେ । ସେହି ଭଳି ଏହି କାରଖାନାରେ ଠିକା ଶ୍ରମିକ ଙ୍କ ଦୁର୍ଦ୍ଦଶା ଓ ସମସ୍ୟାର ଲମ୍ୱା ଲାଇନ ରହିଥିବା ବେଳେ ଏଠି ରାଜ୍ୟ ସରକାର ନିର୍ଦ୍ଧାରିରିତ କରିଥିବା ସର୍ବନିମ୍ନ ମଜୁରୀ ଦିଆଯାଏ ନାହିଁ, ଶ୍ରମିକ ମାନେ ନିୟମିତ ଶୋଷଣର ଶୀକାର ହୋଇଥାନ୍ତି, ତେବେ ଏନେଇ କେବେ ହେଲେ ମୁହଁ ନଖୋଲି ମାଲିକ ସହ ମିଶି ରସଗୋଲା ଖାଉଥିବା କିଛି ଦଲାଲ ଶ୍ରମିକ ନେତା ଓ ସଙ୍ଗଠନ ପୌରପାଳିକା ପତ୍ୟାହାର କରିଥିବା ଏନଓସିକୁ ଫେରାଇ ନେବାକୁ ଦାବି କରିବା ଘଟଣାକୁ ସାଧାରଣରେ ଅତି କଦର୍ଯ୍ୟ ଭାବେ ସମାଲୋଚନା କରାଯାଇଛି ଓ ଦରକାର ପଡିଲେ ସେ ନେତାମାନଙ୍କୁ ରାସ୍ତା ଘାଟରେ ସାଧାରଣ ଲୋକ ଜବାବ ଦେବେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏନେଇ ଠାଜଗାଙ୍ଗପୁର ପୌରପାଳିକା ନିତିନିୟମକୁ ନେଇ ଅନ୍ୟ ଦୁଇଟି କନଭେୟର ବେଲ୍ଟନେଇ ନାନା ପ୍ରଶ୍ନ ଉଠାଇଥିବା ବେଳେ ଧସି ଯାଇଥିବା ବେଲ୍ଟର ଏନଓସି ପ୍ରତ୍ୟାହାର କରି ସାଧାରଣ ଜନତାଙ୍କ ଲାଗି ନ୍ୟାୟ କରିଛି । ସେପଟେ ଜିଲ୍ଲାର କିଛି ଦଲାଲ ସରକାରୀ ଅଧିକାରୀ କଂପାନୀ ଦ୍ୱାରା ପ୍ରଭାବିତ ହୋଇ କୁଆଡେ ପୌରପାଳିକାକୁ ଏହି ଏନଓସି ପୁଣି ଦେବାକୁ ଚାପପକାଉଥିବା ବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର କିଛି ମନ୍ତ୍ରୀ ମଧ କୁଆଡେ ପୋରପାଳିକାକୁ ଫୋନ କରିଥିବା ଖବର ମିଳିଛି। ଗତ ୨୪ ବର୍ଷର ସରକାର କୁ କିଣି ରଖିଥିବା ଭଳି ସ୍ଥିତି କରିଥିବା ଡାଲମିଆ ଏବେ ମଧ ପୁର୍ବ ଭଳି ସବୁଦିଗକୁ ପ୍ରଭାବିତ କରି ବେଆଇନ କାରବାର ଓ ନିଜର ମନମାନି କରିବା ଉଦ୍ୟମ କରୁଥିବାଅଭିଯୋଗ ହେଉଛି। ତେବେ ପୌରପାଳିକା ତାର ନିୟମରେ ସ୍ଥିର ଥିବାବେଳେ ହାଇକୋର୍ଟରେ ଡାଲମିଆ ପୌରପାଳିକା କୁନେଇ କରିଥିବା ମାମଲା ଆଗାମୀ ୬ ତାରିଖରେ ଗ୍ରହଣ ହେବାକୁ ଥିବାରୁ ଏବେ ସମସ୍ତଙ୍କ ନଜର ସେହିଦିନକୁ ରହିଛି। ଘଟଣା ଘଟିଥିବା ଓାର୍ଡର କାଉଁସିଲର ପୁର୍ଣ ଚନ୍ଦ୍ର ରାଉରତ କହିଛନ୍ତି ଆଉ ଦାଦାଗିରୀ ମନମାମନି ଚଳିବନି, ସମସ୍ତ କଥା ସରକାରକୁ ଜିବ ଓ ଅଦାଲତରେ ରଖା ଜିବ, ଲୋକଙ୍କ ସୁରକ୍ଷା ଲାଗି ପୌରପାଳିକା ସଂପୁର୍ଣ କାମ କରିବ ଓ ଦଲାଲମାନଙ୍କ ମୁଖା ଖୋଲି ଦିଆଜିବ, ପ୍ରଶାସନର ଯେଉଁ ଅଧିକାରୀ ମାନେ ଭିତିରିଆ ପୌରପାଳିକାକୁ ନାଲିଆଖି ଦେଖାଇବେ ସେମାନଙ୍କୁ ମଧ ଲୋକ ଲୋଚନକୁ ଅଣାଜିବ ତାଙ୍କ କାରବାର ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଜିବ ବୋଲି କହିଛନ୍ତି।

# ଡିସେମ୍ବର ୨୪ ଓ ୨୫ କୋରାଇ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

କୋରାଇ, ୧୬/୧୨ (ନି.ପ୍ର): କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା କୋରାଇ ମହୋତ୍ସବ-୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ ରବିବାର ଦିନ ସଂସଦର ସଭାପତି ନନ୍ଦ କିଶୋର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂସଦର ସମ୍ପାଦକ ପଣ୍ଡିତ ଡ଼କ୍ଟର ସୂର୍ଯ୍ୟମଣି ଖୁଂଟିଆ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇ ଦିନ ଧରି କୋରାଇ ମେଲଣ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଉକ୍ତ ମହୋତ୍ସବରେ ୨୪ ତାରିଖ ଦିନ ପୁର୍ବାହ୍ନରେ ଶିଶୁ ଉତ୍ସବ, ଓ ସଂଧ୍ୟାରେ ସାହିତ୍ୟ ଆଲୋଚନାଚକ୍ର ଆୟୋଜିତ ହେବ। ୨୫ ତାରିଖ ଦିନ ପୁର୍ବାହ୍ନରେ ରାଜ୍ୟ ସ୍ତରୀୟ କବି ସମ୍ମେଳନ ଅନୁଷ୍ଠିତ ହେବା ପରେ ୧୮ ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ କୋରାଇ ମହୋତ୍ସବ ସମ୍ମାନ ବରିଷ୍ଠ ରାଜନୈତିଜ୍ଞ ଓ ବିଶିଷ୍ଟ ସାହିତ୍ୟିକ ଡ଼ ରାମଚନ୍ଦ୍ର ଖୁଂଟିଆଙ୍କୁ ପ୍ରଦାନ କରାଯିବା ସହିତ ଶିଶୁ ସାହିତ୍ୟିକ ଡ଼ ସୁନାମଣୀ ରାଉତଙ୍କୁ କସ୍ତୁରୀ ପୁରସ୍କାର, ବରିଷ୍ଠ ନାଟ୍ୟକାରିଣୀ ଶ୍ରୀମତୀ ବିନ୍ଦୁରେଖା ମହାପାତ୍ରଙ୍କୁ ସ୍ୱର୍ଗତ କାହ୍ନୁଚରଣ ଖୁଂଟିଆ ସ୍ମୃତି ପୁରସ୍କାର, ନିର୍ମଳ ଚନ୍ଦ୍ର ରାଉତଙ୍କୁ ସ୍ୱର୍ଗତ ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର,ଶ୍ରୀମତୀ ମାଙ୍ଗଳିକା ଦାସଙ୍କୁ ସ୍ୱର୍ଗତା ଶଚୀ ଦେବୀ ଇନ୍ଦୁମତୀ ଲେଖିକା ପୁରସ୍କାର,ପାଲା ଗାୟକ ରଜନୀକାନ୍ତ ପୃଷ୍ଟିଙ୍କୁ ସ୍ୱର୍ଗତ ଗଦାଧର ସାହୁ ସ୍ମୃତି ପୁରସ୍କାର, ସମ୍ପାଦକ ପ୍ରଫେସର ଡ଼ା ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ସ୍ୱର୍ଗତ ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର, କୃତି ଛାତ୍ର ଆଶୁତୋଷ ଦାସଙ୍କୁ ସ୍ୱର୍ଗତ ଦଶରଥ ବିଶ୍ୱାଳ.ଚିତରଞ୍ଜନ ଚିରଞ୍ଜିତଙ୍କୁ ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ,କବି ନାରାୟଣ ମହାଳିକଙ୍କୁ କୈଳାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ,କବି ପହଲ୍ଲାଦ ପଣ୍ଡାଙ୍କୁ ରମେଶ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ.ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ଦାଶଙ୍କୁ ଦ୍ରୌପଦୀ ପ୍ରାଣକୃଷ୍ଣ ସ୍ମୃତି ସମ୍ମାନ, ସ୍ୱତନ୍ତ୍ର ସାମ୍ବାଦିକ ସମ୍ମାନ ବାବୁରାମ ଜେନା, ଶ୍ରୀମତୀ ସୁଜାତା ଗିରିଙ୍କୁ ବୋଲେ ହୁଁ ଟି ସମ୍ମାନ, ଅନନ୍ତ ଜେନାଙ୍କୁ ଆଞ୍ଚା ନମସ୍କାର ବ୍ୟଙ୍ଗମଣୀ ସମ୍ମାନ, ଶ୍ରୀମତୀ ଡ଼ା ଅନୀତା ପଣ୍ଡାଙ୍କୁ ପ୍ରବାସୀ ସାରସ୍ୱତ ସଙ୍ଗଠକ ସମ୍ମାନ ଓ ବୃନ୍ଦାବନ ସାହୁଙ୍କୁ ସଂସଦର ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯିବ ସଂସଦର ସମ୍ପାଦକ ଡ଼ ଖୁଂଟିଆ ପ୍ରେସ ବିବୃତିରେ ଜଣାଇଛନ୍ତି। ଉକ୍ତ ବୈଠକରେ ବୃନ୍ଦାବନ ସାହୁ, ବାଇଧର ମାଝୀ, ଅକ୍ଷୟ କୁମାର ବାରିକ, ମୋହନ ଚରଣ ଖୁଂଟିଆ, ପ୍ରଦୀପ କୁମାର ଦାସ, ମଳୟ କୁମାର ମଲ୍ଲିକ, ଅଶୋକ କୁମାର ପତି, ଶିବ ଚରଣ ମାଝୀ, ପ୍ରିୟଦର୍ଶୀ ଅମ୍ବରୀଶ ଖୁଂଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ରାମଚଣ୍ଡୀ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ରାମଚଣ୍ଡୀ ନୋଡାଲ ହାଇସ୍କୁଲର ୩୩ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିର୍ମଳ ଚନ୍ଦ୍ର କୁଣ୍ଡ ପରିଚାଳନା କରିଥିଲେ । ଉଦ୍‌ଘାଟନ ଉତ୍ସବରେ ସମାଜସେବୀ ତଥା ସାମ୍ବାଦିକ ସନ୍ତୋଷ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କନିଷ୍ଠ ବର୍ଗ୍ଗ ବିଭାଗରେ ନିହାର ରଞ୍ଜନ ଘଡାଇ, ବାଳିକା ବିଭାଗରେ ଅଙ୍କିତା ସାହୁ ଚମ୍ପିୟନ ହୋଇଥିବା ବେଳେ ବରିଷ୍ଠ ବର୍ଗ୍ଗ ବିଭାଗରେ ଚିନ୍ମୟ ପଣ୍ଡା ଓ ବାଳିକା ବିଭାଗରେ ଅଲିଭା ସାହୁ ଚମ୍ପିୟନ ହୋଇଛନ୍ତି । ଶିକ୍ଷକ ପ୍ରତାପ କୁମାର ସାମଲ, ସୂର୍ଯ୍ୟକାନ୍ତ ସାମଲ, ସୌମ୍ୟରଞ୍ଜନ ବେହେରା, ଦିଲିପ କୁମାର ବିଶୋଇ, ସୁକନ୍ୟା ଭାଗ୍ୟଲକ୍ଷ୍ମୀ କର, ପଦ୍ମିନୀ ମଲିକ, ସରୋଜିନୀ ବେହେରା, ଦିପିକା ଦଳବେହେରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ଅଙ୍କିତା ପ୍ରଜ୍ଞାଶ୍ରୀ ବିଶ୍ୱାଳଙ୍କୁ ବିଏଚୟୁରେ ସ୍ୱର୍ଣ୍ଣ ପଦକ

ସମ୍ବଲପୁର, ୧୬/୧୨ (ନି.ପ୍ର): ଜିଲ୍ଲାର ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ମହୁକୁଦ ଗ୍ରାମର ବିଶିଷ୍ଟ ସାହିତ୍ୟିକ ଅବଧୂତ ବିଶ୍ୱାଳଙ୍କ ନାତୁଣି ତଥା ବଲାଙ୍ଗିର ଜିଲ୍ଲାର ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କ କନିଷ୍ଠ କନ୍ୟା ଅଙ୍କିତା ପ୍ରଜ୍ଞାଶ୍ରୀ ବିଶ୍ୱାଳ (ଇଶା) ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅଧୀନରେ ହୋଇଥିବା ସ୍ନାତୋକତର ଶିକ୍ଷା ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥିପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମାବର୍ତନ ସମାରୋହରେ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି ।

# ବାରମ୍ବାର ବଦଳୀ ସତ୍ତ୍ୱେ ମାଥିଲି ବ୍ଲକ ଛାଡିବାକୁ ନାରାଜ ଯନ୍ତ୍ରୀ ନିହାର ସରକାର

ମାଲକାନଗିର, ୧୬/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପରିଷଦର ମୁଖ୍ୟ ଅଧିକାରୀଙ୍କ ପତ୍ର ସଂଖ୍ୟା- ୪୧୮ ତା ୨୯/୧୦/୨୦୨୪ ରିଖ ଅନୁସାରେ ଜିଲ୍ଲାର ବିଭିନ୍ନ ବ୍ଲକର ୧୦ ଜଣ ଯନ୍ତ୍ରୀଙ୍କ ବଦଳି ଆଦେଶ ବାହାରି ଥିଲା। ତା ଭିତରେ ମାଥିଲି ବ୍ଲକର ଯନ୍ତ୍ରୀ ନିହାର ସରକାରଙ୍କର ମଧ ବଦଳି ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ନିହାର ସରକାରଙ୍କୁ ମାଲକାନଗିରି ବ୍ଲକ୍‌କୁ ବଦଳି ଆଦେଶ ଦିଆଯାଇଛି। କିନ୍ତୁ ଯନ୍ତ୍ରୀ ନିହାର ସରକାର ଏହି ବ୍ଲକରେ ୧୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଏକାଧିକ ପଂଚାୟତ ଦାୟିତ୍ୱରେ ରହିଲା ପରେ ମଧ ମାଥିଲି ବ୍ଲକ ଛାଡ଼ି ଯିବାକୁ ନାରାଜ। ଶୁଣିବାକୁ ମିଳୁଛି ଯେ ଯନ୍ତ୍ରୀ ନିହାର ସରକାର ତାଙ୍କର କିଛି ସମର୍ଥକ ଓ ରାଜନୀତିକ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କୁ ଆଉ କିଛିଦିନ ଏହି ବ୍ଲକରେ ରହି କାର୍ଯ୍ୟ କରିବାକୁ ସୁଯୋଗ ଦେବା ପାଇଁ ମାଲକାନଗିରି ଜିଲ୍ଲା ପରିଷଦର ମୁଖ୍ୟ ଉନୟନ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଅପରପକ୍ଷେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ପତ୍ର ସଂଖ୍ୟା ୩୩୯୩୯ ତା ୧୧/୧୧/୨୦୨୪ ରିଖ ଅନୁସାରେ କୌଣସି ସରକାରୀ ଚାକିରିଆଙ୍କ ବଦଳି ଓ ନିଯୁକ୍ତି ଉପରେ ପରୋକ୍ଷ ବା ପ୍ରତ୍ୟକ୍ଷରେ କୌଣସି ପ୍ରକାର ପ୍ରଭାବକୁ ପ୍ରଶ୍ରୟ ଦିଆଯିବ ନାହିଁ। ମାନେ ଯେଉଁ ସରକାରି କର୍ମଚାରୀ ବଦଳି ହେବ ସେ ଯିବାକୁ ବାଧ ହେବେ। ଇତିମଧରେ ମାଲକାନଗିରି ଜିଲ୍ଲାର କିଛି ବିଡ଼ିଓଙ୍କର ବି ବଦଳି ଆଦେଶ ବା ହାରି ଥିଲା। ସେମାନେ ବଦଳୀ ହୋଇଥିବା ସ୍ଥାନରେ ଯୋଗ ଦେଇଛନ୍ତି !କିନ୍ତୁ ମାଥିଲି ବ୍ଲକର ଯନ୍ତ୍ରୀ ନିହାର ସରକାରଙ୍କ କ୍ଷେତ୍ରରେ ସେହି ନିର୍ଦ୍ଦେଶନାମା କିଭଳି ଭାବରେ କାମରେ ଆସୁନି ତାହା ଏବେ ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତମାନ ଆଗକୁ କ'ଣ ହେବ ଦେଖିବାକୁ ବାକି ରହିଲା। ପ୍ରକାଶ ଥାଉକି ଏଥିପୂର୍ବରୁ ଯନ୍ତ୍ରୀ ନିହାର ସରକାରଙ୍କ ଖଇରପୁଟ ବ୍ଲକକୁ ବଦଳୀ ହୋଇଥିଲା ହେଲେ ସେ ସେଠାରେ ମଧ ଯୋଗ ଦେଇନଥିଲେ !

# ୫୭ ନମ୍ବର ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା,ଏକାଧିକ ଗାଡ଼ିକୁ ପିଟିଲା କାର୍ : ୫ ଆହତ

ଖୋର୍ଦ୍ଧା, ୧୬/୧୨ (ନି.ପ୍ର): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଚକାପଦା ବଜାରରେ ସିରିଜ୍ ଦୁର୍ଘଟଣା ହୋଇଛି । ଏହି ସିରିଜ ଦୁର୍ଘଟଣାର ଏକାଧିକ ଗାଡ଼ିକୁ ପିଟିଲା କାର୍ ? । ତେବେ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି । ଏଭଳି ଦୁର୍ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଚକାପଦା ବଜାରରେ । ସୂଚନା ମୁତାବକ, ଚକାପଦା ବଜାରରେ ଏକ କାର୍ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲା ।

# ଶିକ୍ଷା ଦୃଷ୍ଟିରୁ ଓଡ଼ିଶାକୁ ଆଗକୁ ନେବାରେ ଜନାର୍ଦ୍ଦନ ପୂଜାରୀ ସରକାରୀ ହାଇସ୍କୁଲର ଅବଦାନ ଅନେକ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୬/୧୨ (ନି.ପ୍ର): ଶିକ୍ଷା ଦୃଷ୍ଟିରୁ ଓଡ଼ିଶାକୁ ଆଗକୁ ନେବାରେ ସମ୍ବଲପୁର ସିନ୍ଦୁରପଙ୍କ ସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ହାଇସ୍କୁଲର ଅନେକ ଅବଦାନ ରହିଛି ବୋଲି ରବିବାର ଏହି ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ଯୋଗଦାନ ଉପରେ ଆଲୋକପାତ କରିବା ସହ ଓଡ଼ିଶା ସରକାରଙ୍କ ସଫଳ ଯୋଜନା ଉପରେ ଅଭିଭାଷଣ ରଖିଥିଲେ । ସେ କହିଥିଲେ ସୁଭଦ୍ରା ଯୋଜନାରେ ମାଆ ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି । ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି । ସମ୍ବଲପୁର ଜିଲ୍ଲାରେ ଅଧିକ ଧାନ କିଣାଯିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ସବୁ ପଦକ୍ଷେପ ଦ୍ୱାରା ସିନ୍ଦୁରପଙ୍କ ସମେତ ସମ୍ବଲପୁର ଜିଲ୍ଲାର ମହିଳା, ଚାଷୀ ଭାଇମାନେ ବିଶେଷ ଲାଭାର୍ଥୀ ହୋଇଛନ୍ତି । ଏ ସବୁ ଦ୍ୱାରା ପ୍ରାୟ ୫୦୦ କୋଟି ଟଙ୍କା ଏ ଅଞ୍ଚଳକୁ ପ୍ରଥମ ଥର ପାଇଁ ଡବଲ ଇଞ୍ଜିନ ସରକାର ପହଞ୍ଚାଇଛି । ସେହିପରି ଦଳିତ, ପଛୁଆ ଲୋକଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ କରିଥିବାରୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶିକ୍ଷାନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏହି ଅନୁଷ୍ଠାନକୁ ବଟବୃକ୍ଷରେ ପରିଣତ କରିଥିବା ମହାପୁରୁଷ, ଜନସାଧାରଣ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମହୁଲପାଟି ଗାଁ ଆରୋଗ୍ୟ ମନ୍ଦିର ଅବସ୍ଥା ସୁଧୁରିଲା

ବଲାଙ୍ଗିର, ୧୬/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ତୁରେକେଲାର ଉପାନ୍ତ ଅଂଚଳରେ ସ୍ୱାସ୍ଥ୍ୟ ସେବା ଠପ୍ ହୋଇପଡିଛି, ଆଦିବାସୀ ଅଧୁଷିତ ଅଂଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ବଦଳରେ ଅବହେଳା କରାଯାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି । ସୂଚନା ଅନୁସାରେ, ତୁରେକେଲା ବ୍ଲକ ମହୁଲପାଟି ଗାଁରେ ପ୍ରାୟ ୪ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ଚାଷବାସ ଉପରେ ନିର୍ଭର କରି ଚଳିବା ସହ ଗରିବ ଲୋକେ ଦାଦନ ମଧ ଯିବାର ନଜିର ରହିଛି । ତେବେ ସେହି ଗାଁରେ ଅବସ୍ଥିତ ଆରୋଗ୍ୟ ମନ୍ଦିର ରକ୍ଷଣାବେକ୍ଷଣା ଅଭାବରୁ ଭୂତକୋଠି ପାଲଟିଥିଲା । ତେବେ ନିକଟରେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଥିଲା । ଭଙ୍ଗା ଦଦରା ଏହି କୋଠା ଘରକୁ ସଫାସୁତୁରା କରାଯାଇ ନିୟମିତ ଖୋଲାଯାଇ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଉଛି ।

# ଆରଏସପିରେ ଇଡ଼ି ଓ୍ୱାର୍କ୍ସ ଦକ୍ଷତା ଉତ୍କର୍ଷତା ପୁରସ୍କାର ପାଇଁ ପ୍ରତିଯୋଗିତାରେ କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ

ରାଉରକେଲା, ୧୬/୧୨ (ନି.ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନାରେ ଇଡି (ଓ୍ୱାର୍କସ୍) ସ୍କିଲ୍ ଏକ୍ସଲେନ୍ସ ପୁରସ୍କାର ପାଇଁ ଦକ୍ଷତା ପ୍ରତିଯୋଗିତାରେ ଆରଏସପିର ବିଭିନ୍ନ ୟୁନିଟର ବହୁସଂଖ୍ୟକ କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । କର୍ମଚାରୀଙ୍କ ଦକ୍ଷତାର ପରିମାପ ଏବଂ ସେମାନଙ୍କର ଜ୍ଞାନ ଆଧାରକୁ ସମୃଦ୍ଧ କରିବା ପାଇଁ ଏକ ସୁସ୍ଥ ପ୍ରତିଯୋଗିତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତା ନଭେମ୍ବର ୨୫ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୩୨ ଜଣ କର୍ମଚାରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ବର୍ଗ ରହିଥିଲା ଯାହା ମଧ୍ୟରେ ରହିଛି ଟର୍ନର, ଫିଟର, ହାଇଡ୍ରଲିକ୍ସ ଟେକ୍ନିସିଆନ, ଓ୍ୱେଲଡର, ଇଲେକ୍ଟ୍ରିସିଆନ, ଇଲେକ୍ଟ୍ରୋନିକ୍ସ ମେକାନିକ, କୋପା ଏବଂ ଇନଷ୍ଟ୍ରୁମେଣ୍ଟେସନ୍ । ସୂଚନାଯୋଗ୍ୟ ଯେ, ଦକ୍ଷତାରେ ଉତ୍କର୍ଷତାର ପ୍ରୋତ୍ସାହନ ତଥା ସ୍ୱୀକୃତି ଦେବା ପାଇଁ କର୍ମଚାରୀଙ୍କ ନିମନ୍ତେ ୨୦୧୧-୧୨ ବର୍ଷରେ ଏହି ପୁରସ୍କାର ପ୍ରଦାନ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ବିଭିନ୍ନ ଟ୍ରେଡର ପ୍ରଥମ ସ୍ଥାନ ବିଜେତାମାନେ ସିଆଇଆଇ ଓ୍ୱାର୍କ ସ୍କିଲ ପ୍ରତିଯୋଗିତାରେ ଆରଏସପିର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହେବେ।

# ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି, ମାଗଣା ପୁସ୍ତିକା ବିକ୍ରି କରି ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗ : ଉଚ୍ଚସ୍ତରୀୟ ତଦନ୍ତ ଦାବି

ସମ୍ବଲପୁର, ୧୬/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଜମନକିରା ବ୍ଲକରେ ମୋଟ୍ ୨୪୧ ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରକୁ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପାଠ୍ୟ ପୁସ୍ତିକା ପ୍ରଦାନ କରାଯାଇଥାଏ । ପ୍ରକଳ୍ପ କାର୍ଯ୍ୟାଳୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜଣେ ବ୍ୟବସାୟୀଙ୍କୁ ଏହି ପୁସ୍ତିକା ପାଇଁ ପ୍ରତି ଅଙ୍ଗନବାଡି କେନ୍ଦ୍ରରୁ ୧୧ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇ ଥିବା ପୁସ୍ତିକା ମଧ୍ୟରୁ ଦୁଇଟି ପୁସ୍ତିକା ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଉଛି ଓ ଏହି ପୁସ୍ତିକା ବିକ୍ରି ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ପୁସ୍ତିକାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ମାତ୍ର କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା 'ନୂଆ ଅରୁଣିମା ଅଭ୍ୟାସ ପୁସ୍ତିକା ଭାଗ-୧' ପାଇଁ ୨୫୦ ଟଙ୍କା ଓ 'ନୂଆ ଅରୁଣିମା ଅଭ୍ୟାସ ପୁସ୍ତିକା ଭାଗ-୨' ପାଇଁ ୨୫୦ ଟଙ୍କା ଲେଖା ନିଆଯାଇଥିବା ରସିଦରେ ଉଲ୍ଲେଖ ରହିଛି । ଏହି ପୁସ୍ତିକା ଗୁଡିକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିଃଶୁଳ୍କରେ ଜମନକିରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି । ମାତ୍ର ଏହି ପୁସ୍ତକ ଗୁଡ଼ିକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତି ଅଙ୍ଗନବାଡି କେନ୍ଦ୍ରରେ ପ୍ରଦାନ କରିବାକୁ ଜମନକିରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ସରକାରୀ ପୁସ୍ତିକା ସଂପୃକ୍ତ ବ୍ୟବସାୟୀଙ୍କ ପାଖରେ କିପରି ପହଂଚିଲା ଓ କାହିଁକି ଏହି ଉଭୟ ପୁସ୍ତିକା ପାଇଁ ଅତିରିକ୍ତ ୫୦୦ ଟଙ୍କା ନେଇ ରସିଦରେ ଉଲ୍ଲେଖ କରି ଜମନକିରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ଜରିଆରେ ନିଆଯାଉଛି ତାହା ଉଚ୍ଚସ୍ତରୀୟ ତଦନ୍ତ ହେବା ପାଇଁ ସାଧାରଣରେ ଦାବି ହୋଇଛି । ଗୋଟିଏ ଅଙ୍ଗନବାଡି କେନ୍ଦ୍ରରୁ ଯଦି ୫୦୦ ଟଙ୍କାର ଦୁର୍ନୀତି ହୁଏ ତେବେ ସମଗ୍ର ଜମନକିରା ବ୍ଲକରେ ଥିବା ୨୪୧ଟି ଅଙ୍ଗନବାଡିରୁ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଆକଳନ କରାଯାଉଛି । ଦୁର୍ନୀତି କେବଳ ଏତିକିରେ ସରିନାହିଁ, ଏହି କାର୍ଯ୍ୟାଳୟରେ ପୂର୍ବରୁ ଅନେକ ଦୁର୍ନୀତିର ଅଭିଯୋଗ ହେଇଥିଲେ ମଧ ପୂର୍ବ ସରକାରଙ୍କ ଏହି କାର୍ଯ୍ୟାଳୟ ପ୍ରତି ଅହେତୁକ ଅନୁକମ୍ପା ରହିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିଲା । ବର୍ତମାନର ନୂତନ ସରକାର, ଲୋକଙ୍କ ସରକାର । ଏହି ଦୁର୍ନୀତି ଘଟଣାରେ କେତେ ସମ୍ବେଦନଶୀଳ ହେବେ, କିଭଳି କଡ଼ା ପଦକ୍ଷେପ ନେବେ ତାହା ସାଧାରଣରେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି । ଏ ସମ୍ପର୍କରେ ଜମନକିରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧିକାରିଣୀ ମମତା ପଟେଲଙ୍କୁ ପଚାରିବାରେ ଅତି ଚତୁରତାର ସହ ହସିହସି କହିଲେ 'ଆରେ, ମୁଁ ତ ଏବେ ଏବେ ଆପଣଙ୍କ ଠାରୁ ଏଭଳି ଘଟଣା ସମ୍ପର୍କରେ ଜାଣିଲି, ମୁଁ ନିଶ୍ଚିତ ଭାବେ ଏହାର ତଦନ୍ତ କରିବି ବୋଲି ସଫେଇ ଦେଇ ଅନ୍ୟ କୌଣସି ପ୍ରଶ୍ନ ପଚାରିବା ପୂର୍ବରୁ ଚାଲିଯାଇଥିଲେ । ଆଦିବାସୀ ଅଧୁଷିତ ଦୁର୍ଗମ ଅଂଚଳରେ ଶିକ୍ଷାର ବିକାଶ ହୋଇ ପାରୁନଥିବାର କାରଣ ଏହିପରି ଅନେକ ଦୁର୍ନୀତି । ସରକାରଙ୍କ ମାଗଣା ପୁସ୍ତକ ପାଇବା ପାଇଁ ଯେଉଁଠି ଗରିବ ଖଟିଖିଆ ବର୍ଗର ଛାତ୍ରଛାତ୍ରୀ ମାନେ ଅର୍ଥ ଶୋଷଣର ଶୀକାର ହେଉଛନ୍ତି ସେଠାରେ ଶିକ୍ଷାର ବିକାଶ ପାଇଁ ସରକାର କେଉଁଭଳି ଆଶା ରଖିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଏହି ସମ୍ବେଦନଶୀଳ ଘଟଣାର ସରଜମିନ୍ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରୁ ଦୃଢ଼ ଦାବି ହୋଇଛି ।

# ରାଜପଥରେ ଦୁର୍ଘଟଣା: ଦୁଇ ଆହତ

କୋରାଇ, ୧୬/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଆଜି ବାଇକ ଦୁର୍ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଗ୍ରାମରୁ ଦୁଇ ଯୁବକ ଏକ ବାଇକ ଯୋଗେ କଟକ ଯାଉଥିବାବେଳେ ହଠାତ ବାଇକ୍‌ର ଆଗ ବ୍ରେକ ମାରି ଦେବାରୁ ବାଇକ୍‌ର ଚକ ସ୍ଲିପ କରିଯାଇଥିଲା। ଫଳରେ ଦୁଇ ବାଇକ ଆରୋହୀ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଂଚି ପାଣିକୋଇଲି ପୁଲିସ ସହାୟତାରେ ସ୍ଥାନୀୟ ଏକ ବେସରକାରୀ ନର୍ସିଂହୋମରେ ପ୍ରାଥମିକ ଚିକିତ୍ସା କରାଇଥିଲେ।

# କନିକା ପ୍ରଜା ଆନ୍ଦୋଳନରେ ସଂଗ୍ରାମୀ ମାୟାଧରଙ୍କ ଭୂମିକା ଅବିସ୍ମରଣୀୟ




ଭଦ୍ରକ, ୧୬/୧୨ (ନି.ପ୍ର): ଭାରତବର୍ଷ ସ୍ୱାଧୀନତା ପାଇଁ ଓଡ଼ିଶାର କନିକା ଠାରେ ସୃଷ୍ଟି ହୋଇଥିବା ପ୍ରଜା ଆନ୍ଦୋଳନ ବହୁ ଗୁରୁତ୍ୱ ବହନ କରିଥାଏ । ଏହି ଆନ୍ଦୋଳନରେ ଘଣ୍ଟେଶ୍ୱର ଅଞ୍ଚଳର ଗଙ୍ଗାଧରପୁର ପାଟଣା ଗ୍ରାମର ସଂଗ୍ରାମୀ ମାୟାଧର ଦାସଙ୍କ ଭୂମିକା ଯୁବପିଢ଼ୀଙ୍କ ପାଇଁ ନିଶ୍ଚିତ ଉଦାହରଣ। ତେଣୁ ଆମର ଯୁବପିଢ଼ି ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସଂଗ୍ରାମୀ ମନଭାବ ପୋଷଣ କରିବାକୁ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ୩୩ତମ ସ୍ମୃତି ସମାରୋହ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକ ସଂସ୍କୃତି ଭବନଠାରେ ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଗଣଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଗୀତାପାଠ, ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କନିକା ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନ ଦୁଇଟି ଯାକ କିପରି କନିକା ମାଟିରେ ସୃଷ୍ଟି ହୋଇଥିଲା ଏବଂ ବିପ୍ଳବୀ ଚକ୍ରଧର ଓ ସଂଗ୍ରାମୀ ମାୟାଧରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତାଭାବେ ଡ଼. ସୁନାମଣି ରାଉତ, ଭୁବନେଶ୍ୱର ତାଙ୍କ ବକ୍ତବ୍ୟରେ ସଂଗ୍ରାମୀ ମାୟାଧର ଜୀବନୀ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ବରେଣ୍ୟ ଅତିଥିଭାବେ ଡ଼. ଶରତ କୁମାର ବିଶ୍ୱାଳ, ଶିଶୁ ସାହିତ୍ୟ ଲେଖ ଓ ଗଣଶିକ୍ଷା ନିର୍ଦ୍ଦେଶକ ଯୋଗଦାନ କରି କନିକା ବିପ୍ଳବ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜ ରାଉତ ଯୋଗଦାନ କରି ମାୟାଧରଙ୍କ ସହିତ ମିଶି ସେ କିପରି ସାଙ୍ଗ ହୋଇ କନିକା ରାଜାଙ୍କ ବିରୁଦ୍ଧରେ ରାଜତନ୍ତ୍ର ଲୋପକରି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ କିପରି ସଂଗ୍ରାମ କରୁଥିଲେ ତାହା ଦର୍ଶକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ବହୁମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସ୍ମୃତି କମିଟି ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭଦ୍ରକ ଚକ୍ରଧର ମଲ୍ଲିକ, ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ, ଶ୍ରୀଧର ତ୍ରିପାଠୀ, ପ୍ରଧାନଶିକ୍ଷକ ପଞ୍ଚାୟତ ହାଇସ୍କୁଲ. ଓଲଙ୍ଗ, ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ, ଚଣ୍ଡିଗାଁ ହାଇସ୍କୁଲ, ଲମ୍ବୋଧର ସାହୁ, ସିଆରସିସି, ତୋଟାପଡ଼ା କ୍ଲଷ୍ଟର, ନରେନ୍ଦ୍ର ପ୍ରଧାନ ସାହୁ, ପ୍ରଧାନଶିକ୍ଷକ ବନ୍ଦଗାଁ ହାଇସ୍କୁଲ, ରାଜେନ୍ଦ୍ର ପ୍ରସାଦ ନାୟକ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ, ଭଦ୍ରକ, ବରିଷ୍ଠ ସାମ୍ବାଦିକ ପ୍ରମେୟ ପ୍ରଭାତ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆନନ୍ଦବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମୃତି କମିଟିର ସଭାପତି ବଂଶୀଧର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସ୍ମୃତି କମିଟିର ସଭାପତି ବଂଶୀଧର ଦାସଙ୍କ ଝିଅ ତଥା ସଂଗ୍ରାମୀ ମାୟାଧର ଦାସଙ୍କ ନାତୁଣୀ ସୁଶ୍ରୀ ଲୋପାମୁଦ୍ରା ଦାସ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବଙ୍କ ତତ୍ୱବଧାନରେ ବନ୍ଦେ ଉତ୍କଳ ଜନନୀ ଓ ଛୋଟ ଛୋଟ ଶିଶୁମାନଙ୍କୁ ନେଇ ନୃତ୍ୟ ପରିବେଷଣ କରିଥିଲେ । ଗୋପବନ୍ଧୁ ନୋଟାଲ ୟୁ.ପି.ସ୍କୁଲ, ଚରମ୍ପା ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗଦମ୍ବା ସରସ୍ୱତୀ କଳା ମନ୍ଦିର ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ




ବାଲେଶ୍ୱର, ୧୬/୧୨ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ସେଖପାଟଣା ସ୍ଥିତ ଜଗଦମ୍ବା ସରସ୍ୱତୀ କଳା ମନ୍ଦିର ପକ୍ଷରୁ ଗତକାଲି ସନ୍ଧ୍ୟାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିଳ୍ପୀ କେଶୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସମସ୍ତେ ଜଣେ ଜଣେ ସଫଳ ଶିଳ୍ପୀ ବୋଲି କହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ର ସଂସ୍ଥାପୀକା ମାଧବୀ ଲତା ବାରିକ୍ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସମବାୟ ସମିତି ର ସଭାନେତ୍ରୀ ସୁଜାତା ଆଚାର୍ଯ୍ୟ, ସମାଜସେବୀ ଗୋପାଳ ଚନ୍ଦ୍ର ଜେନା, ଅଭିମନ୍ୟୁ ଆଚାର୍ଯ୍ୟ, ସମାଜସେବୀ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ ଓ କଳା ଶିକ୍ଷକ ଗଦାଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ର ଶିଶୁ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ପରେ ନୃତ୍ୟ-ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ଚଳିତ ଆର୍ଥିକ ବର୍ଷରୁ ଲାଗୁ ହେବ ଗୋପବନ୍ଧୁ ଜନ ଆରୋଗ୍ୟ - ଆୟୁଷ୍ମାନ ଭାରତ ଯୋଜନା

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଚଳିତ ଆର୍ଥିକ ବର୍ଷରୁ ଲାଗୁ ହେବ ଗୋପବନ୍ଧୁ ଜନ ଆରୋଗ୍ୟ - ଆୟୁଷ୍ମାନ ଭାରତ ଯୋଜନା । ଭାରତ ସରକାରଙ୍କ ସହ ଏ ନେଇ ଆଲୋଚନା କରି ପ୍ରସ୍ତୁତି ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ ଲକ୍ଷ ଲୋକଙ୍କୁ ସାମିଲ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କାର ସହାୟତା ମିଳିବ । ଏହାସହ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ପାଇଁ ବ୍ୟବସ୍ଥା କରିବେ ସରକାର । ଦିଲ୍ଲୀ ଓ ପଶ୍ଚିମବଙ୍ଗରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇନଥିବାରୁ ଏହି ଦୁଇଟି ରାଜ୍ୟକୁ ଛାଡ଼ି ଦେଶ ସାରା ସବୁ ରାଜ୍ୟରେ ଓଡ଼ିଶା ଲୋକ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ଇନସ୍ୟୁରାନସ ନୁହେଁ ଆସ୍ୟୋରାନସ ମୋଡରେ ମିଳିବ ସ୍ୱାସ୍ଥ୍ୟ ସହାୟତା । ଦେଶ ସାରା ୨୭ ହାଜର ମେଡିକାଲରେ ଓଡ଼ିଶାର ଲୋକ ମାନେ ଚିକିତ୍ସା ସେବା ପାଇପାରିବେ । ପୂର୍ବ କାର୍ଡରେ ମାତ୍ର ୯୫୭ ହସ୍ପିଟାଲରେ ଚିକିତ୍ସା ମିଳିବାର ବ୍ୟବସ୍ଥା ଥିଲା । ପ୍ରବାସୀ ଶ୍ରମିକ ମାନେ ଏହି ଯୋଜନା ଦ୍ୱାରା ବିଶେଷ ଭାବେ ଲାଭବାନ ହେବେ । ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ ଭାରତ ଯୋଜନା ପାଇଁ ରାଜ୍ୟ ସରକାର ୩୫୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ଥିବା କାର୍ଡର ମଧ ହେଡ୍ ଅଫ ଆକାଉଂଟ ମଧ ପରିବର୍ତ୍ତନ ହୋଇ ସାରିଛି ।

# ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଝୋଟି ମହୋତ୍ସବ




ବାଲେଶ୍ୱର, ୧୬/୧୨ (ନି.ପ୍ର): ସୋମବାର ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରାଯାଇଅଛି । ଏହି ସମ୍ମିଳନୀରେ ଆପଣ ମାନଙ୍କର ଜରିଆରେ ବାଲେଶ୍ୱରର ସମସ୍ତ ମହିଳା ମାନଙ୍କୁ ସଚେତନ କରିବା ପାଇଁ ସହଯୋଗ କରିବା ହେବେ । ଓଡ଼ିଆ ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷାକରି ମା ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ମାଣବସା ଗୁରୁବାର ପାଳନ କରାଯାଏ । ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ୨୦୦୪ ମସିହାରୁ ନୋସି ପାର୍କ ଠାରେ ଏହି କାର୍ଯ୍ୟକ୍ରମକୁ ମାର୍ଗଶୀର ମାସର ପଞ୍ଚମ ଗୁରୁବାରରେ ମହିଳା ମାନଙ୍କ ଦ୍ୱାରା ଝୋଟି କାର୍ଯ୍ୟକ୍ରମ ପାଳନ କରି ଆସୁଥିଲା । ମାତ୍ର ଏହି ବର୍ଷ, ୨୦୨୪ ମସିହାରେ ଅନୁଷ୍ଠାନର ଅନୁରୋଧକୁ ରକ୍ଷା କରି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ପୋଲିସ୍‌ଲାଇନ ଛକଠାରୁ ଆଇ.ଟି.ଆଇ ଛକ ପର୍ଯ୍ୟନ୍ତ ରାସ୍ତର ବାମ ପାର୍ଶରେ ଝୋଟି କାର୍ଯ୍ୟକର୍ମ ପାଇଁ ସକାଳ ୭ ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି । ଏହି ପ୍ରେସ୍ ମିଟ୍‌ରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନର ସଭାନେତ୍ରୀ ଶ୍ରୀମତୀ ଅଞ୍ଜଳୀ ପଣ୍ଡା ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ଚେୟାରପରଶନ ସୁବାସିନୀ ଜେନା, ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ବାଲେଶ୍ୱର ଜିଲ୍ଲାର କୋଣ ଅନୁକୋଣରୁ ମହିଳା ମାନଙ୍କୁ ଏଥରେ ଭାଗ ନେବା ପାଇଁ ଅନୁରୋଧ କରିଥିଲେ । ପ୍ରତିଯୋଗୀମାନଙ୍କୁ ନିଜ ନିଜର ଚାଉଳର ପିଠଉ ସହିତ ପାଣି ବୋତଲ ଏବଂ କପଡ଼ା ପ୍ରଭୃତି ସମସ୍ତ ଆବଶ୍ୟକ ସରଞ୍ଜାମ ସାଥିରେ ଧରି ଆସିବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକର୍ମକୁ ପ୍ରତିଯୋଗୀ ମାନେ ସକାଳ ୭ ଟାରେ ଆସି ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରଗଲା । ଏହି କାର୍ଯ୍ୟକ୍ରମରେ ଟ. ୩୦୦୦/-, ଟ. ୨୦୦୦/-, ଟ. ୧୦୦୦/- ( ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀଙ୍କୁ) ଆର୍ଥିକ ପୁରସ୍କାର ଦିଆଯିବାର ଯୋଜନା ରହିଛି ଏବଂ ପ୍ରାୟ ୨୦ ଜଣ ପ୍ରତିଯୋଗୀଙ୍କୁ ଟ. ୨୦୦/- ଲେଖା ସାନ୍ତନା ମୁଳକ ପୁରସ୍କାର ଦେବାର ଯୋଜନା ରହିଛି । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଦେବାର ବନ୍ଦୋବସ୍ତ କରାଯାଇଅଛି । ତେଣୁ ସମସ୍ତ ମହିଳା ମାନଙ୍କୁ ଅନୁରୋଧ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ । ଉପଦେଷ୍ଟା କେସୁ ଦାସ, ଉପ ସଭାନେତ୍ରୀ - ଗିରିଜା ମିଶ୍ର ଓ ଉର୍ମିଳା ଦାସ, କୋଷଦକ୍ଷା ସସ୍ମିତ ମିଶ୍ର ଏବଂ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଯଥା ଜୟଶ୍ରୀ ସାହୁ, ବୀଣା ନନ୍ଦୀ, ମିନତୀ ସେଠୀ, ସୁନାମଣୀ ଜେନା, ଅପର୍ଣ୍ଣ ପରଡ଼ା, ସୁବ୍ରତା ମହାନ୍ତି, ସରସତୀ ପଣ୍ଡା, ସଞ୍ଜୁଲତା ବେହେରା, ସୁଧାକର ସେଠୀ, ପ୍ରଭୃତିଙ୍କୁ ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଗଲା ।

# ଉନ୍ମୋଚିତ ହେଲା 'ଶ୍ରୀକାନ୍ତ ଚରଣ ପାତ୍ରଙ୍କ ସୃଜନ ସମ୍ପଦ' ନାମକ ପୁସ୍ତକ




ବାଲେଶ୍ୱର, ୧୬/୧୨ (ନି.ପ୍ର): ବାଲେଶ୍ୱର ସହରସ୍ଥ ଅଙ୍ଗାରଗଡ଼ିଆ ବିକାଶନଗର ଠାରେ ପ୍ରତିଷ୍ଠିତ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର କାର୍ଯ୍ୟାଳୟ ପରିସରରେ ବିଶିଷ୍ଟ ଗବେଷକ ତଥା ଆଜୀବନ ସାରସ୍ୱତ ସାଧକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଲିଖିତ ପୁସ୍ତକାବଳୀ ଉପରେ ସମୀକ୍ଷାତ୍ମକ ଏକ ଆଲୋଚନା ଗ୍ରନ୍ଥ 'ଶ୍ରୀକାନ୍ତ ଚରଣ ପାତ୍ରଙ୍କ ସୃଜନ ସମ୍ପଦ'ର ଶୁଭ ଉନ୍ମୋଚନ ୧୩ ତାରିଖ ସନ୍ଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉନ୍ମୋଚିତ ହୋଇଯାଇଛି। ଫକୀରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ତଥା ସାହିତ୍ୟିକ ଡ. ରାଖାଲ ଚନ୍ଦ୍ର ଘଡ଼ାଇଙ୍କ ସମ୍ପାଦିତ ଏହି ଗ୍ରନ୍ଥକୁ ଉନ୍ମୋଚନ କରିଥିଲେ ମୁଖ୍ୟ ଅତିଥି ସୁସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି। ବିଶିଷ୍ଟ ଲେଖକ ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର। ପୁସ୍ତକର ସମୀକ୍ଷକ ଭାବେ ଡ. ମଥୁରା ନାଥ ହୋତା ଏବଂ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା ପ୍ରମୁଖ ଅତିଥିମାନେ ଦୀର୍ଘ ୬୦ବର୍ଷର ଅବଧିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖିଥିବା ଉପାଦେୟ ପୁସ୍ତକାବଳୀର ଆଲୋଚନାତ୍ମକ ଏହି ସମ୍ପାଦିତ ପୁସ୍ତକର ପ୍ରଥମଖଣ୍ଡ ଆଗମୀ ସମୟରେ ଛାତ୍ରଛାତ୍ରୀ, ଗବେଷକ ଗବେଷିକା ଏବଂ ଜିଜ୍ଞାସୁ ପାଠକଙ୍କ ପାଇଁ ଶ୍ରୀକାନ୍ତ ପାତ୍ରଙ୍କ ସୃଜନ ଜଗତ ସହ ପରିଚିତ ହେବାରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡ. କ୍ଷୀତିଶ୍ୱର ଦାଶ ବେଦମନ୍ତ୍ର ପାଠ କରିଥିଲାବେଳେ ଅମୃତାଂଶୁ ପଟ୍ଟନାୟକ ଓ ତାଙ୍କ ସାଥୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଶିଳ୍ପୀ ନୃସିଂହ ପ୍ରସାଦ ଦାସମହାପାତ୍ର ଭକ୍ତିଗୀତିକା ଗାନ କରିଥିଲାବେଳେ ଗ୍ରନ୍ଥରେ ଲେଖାପ୍ରଦାନ କରିଥିବା ଲେଖକମାନଙ୍କ ମଧ୍ୟରୁ କେତେଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁସ୍ତକର ପ୍ରକାଶକ ସନ୍ତୋଷ କୁମାର ବାରିକ ପ୍ରକାଶକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲାବେଳେ ହେମନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବାଲେଶ୍ୱର ସହର ସମେତ ଭୋଗରାଇ, ଜଳେଶ୍ୱର, ବସ୍ତା ଅଞ୍ଚଳରୁ ବହୁ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଖୋଲୁଛି ବିଷ୍ଣୁପଦ...

ତେବେ ପ୍ରଶ୍ନ ଉଠୁଛି, କ'ଣ କେବଳ ପ୍ଲାନ ଆଉ ଏଷ୍ଟିମେଟ ଦେବାକୁ କଂପାନୀର ଏଏଗ ଜଣେ ପ୍ରମୁଖ ସଚିବଙ୍କୁ ଭେଟିଥିଲେ। ହୋଇଥିଲା କି ଅନ୍ୟ କୌଣସ ଡିଲ୍ ? ୭ ତାରିଖ ଦିନ ବିଷ୍ଣୁପଦ ସେଠୀ କେଉଁଠି ଥିଲେ, ରେଡ୍ ଜାଗାରେ ଥିଲେ କି ନାହିଁ ତା'ର ଖୋଳତାଡ଼ ପାଇଁ ତାଙ୍କ ଡ୍ରାଇଭରଙ୍କୁ ଡାକି ପଚାରି ସାରିଛି ସିବିଆଇ । ଏଣେ ରିମାଣ୍ଡ ସରିବା ପରେ ୩ ଅଭିଯୁକ୍ତ କଂପାନୀର ଏଏଗ ଚଞ୍ଚଲ ମୁଖାର୍ଜୀ, ଠିକାଦାର ସନ୍ତୋଷ ମହାରଣା ଓ ଦେବୀଦତ୍ତ ମହାପାତ୍ରଙ୍କୁ ଆଜି କୋର୍ଟରେ ହାଜର କରିଥିଲା ସିବିଆଇ । ଆଉ ରିମାଣ୍ଡ ଆବେଦନ ନକରିବାରୁ ୩ ଜଣଙ୍କୁ ଜେଲ୍ ପଠାଯାଇଛି। ତେବେ ତା ପୂର୍ବରୁ ଆଜି ଜେରା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ସନ୍ତୋଷ ମହାରାଣାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦିନ ସାଢ଼େ ଗୋଟାଏ ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସେପଟେ ଅଭିଯୁକ୍ତମାନେ କରିଥିବା ଜାମିନ ଆବେଦନର ଶୁଣାଣି ପାଇଁ ୧୮ ତାରିଖ ଧାର୍ଯ୍ୟ ହୋଇଛି। ଏପଟେ କିନ୍ତୁ ଏଯାଏଁ ବି ସିବିଆଇରେ ହାଜର ହେଉନାହାନ୍ତି ବିଷ୍ଣୁପଦ। କୁହାଯାଉଛି ପୁଣି ଥରେ ତାଙ୍କୁ ସମନ ହୋଇଛି। ବିଷ୍ଣୁପଦଙ୍କୁ ଜେରା ପରେ ସିବିଆଇ ଯାହା ବାହାର କରିବ, ପୁଣି ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ମହାଁମୁହିଁ ଜେରା କରିବାର ସମ୍ଭାବନା ରହିଛି। ଏସବୁ ଭିତରେ ସରକାରଙ୍କ ନିରବତାକୁ ନେଇ ବି ପ୍ରଶ୍ନ ଉଠିଛି। ୩ ଦିନ ହେଲା ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ, ମୋହନ ସରକାରକୁ କାଠଗଡାକୁ ଟାଣିଛି। ନିତି ନୂଆ ନୂଆ ଗୁମର ମଧ ଖୋଲୁଛି।

## ପୁଣି ଆରମ୍ଭ ହେଲ...

କେନ୍ଦୁଝରରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ପ୍ରେମଲତା ନନ୍ଦ, ସୋରରୁ ସୋସାଇଟି ଋଣ ସମସ୍ୟା ନେଇ ଆସିଥିବା ପୁରୁଷୋତ୍ତମ ମହାନ୍ତି, ଧର୍ମଶାଳାରୁ ଜମିଜମା ସମସ୍ୟା ନେଇ ଆସିଥିବା ରଘୁନାଥ ମିଶ୍ର ପ୍ରମୁଖ ସମସ୍ତେ ସମାଧାନର ଆଶା ନେଇ ଖୁସି ମନରେ ଫେରିଥିଲେ। ଆଜି ପ୍ରାୟ ୧୦୦୦ ଜଣ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜିକରଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶରାମ ଖୁଣ୍ଟିଆ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମିବ ଶୀତ, ବଢ଼ିବ...

ହାଲକା ବର୍ଷା ହୋଇପାରେ। ୧୮ ତାରିଖରେ ମଧ ଗୋଟିଏରୁ ଦୁଇଟି ଜିଲ୍ଲାରେ ବର୍ଷା ହୋଇପାରେ। ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କାଁଭାଁ ବର୍ଷା ହୋଇପାରେ। ୧୯ ତାରିଖ କିଛି କିଛି ଜିଲ୍ଲାରେ ହାଲ୍‌କା ବର୍ଷା ହୋଇପାରେ। ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ୨୦ ତାରିଖରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଏବଂ ୨୧ ତାରିଖରେ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କିଛି ସ୍ଥାନରେ ହାଲ୍‌କା ବର୍ଷା ହୋଇପାରେ। ୨୨ ତାରିଖରୁ ବର୍ଷାର କୌଣସି ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ରାଜଧାନୀରେ ଅଙ୍ଗନବାଡ଼ି ...

ଏକାଠି ହୋଇଛନ୍ତି । ସେମାନେ ବହିଷ୍କାର ହୋଇଥିବା କର୍ମୀଙ୍କୁ ପୁନଃନିଯୁକ୍ତି ଲାଗି ବି ଦାବି କରିଛନ୍ତି। ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ଲାଗୁ କରିବା ପାଇଁ ଦାବି କରି ଅଙ୍ଗନବାଡ଼ି କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ସହ ହଟ୍ କୁକ ମିଲ୍ ପାଇଁ ମୁଣ୍ଡପିଛା ୭ ଟଙ୍କା ୨୦ ପଇସା ସର୍ବମୋଟ ମିଳୁଥିବା ବେଳେ ଏହାକୁ ବୃଦ୍ଧି ପାଇଁ ବି ଦାବି କରାଯାଇଛି।

## ଆଜିଠୁ ଆରମ୍ଭ ହେବ...

ପ୍ଲାଷ୍ଟର ଛଡ଼ାଯିବ। ଏହାପରେ ଯେଉଁ ଯେଉଁ ସ୍ଥାନରେ ଫାଟ ଅଛି ତା'ର ମରାମତି ହେବ। ପଥର ପ୍ରଭାବିତ ହୋଇଥିଲେ, ରିପ୍ଲେସ୍ କରାଯିବ। ସେହିପରି ଚଟାଣର ଅନେକ ସ୍ଥାନରେ ମୂଷା ଗାତ ଥିବାରୁ, ସଂପୂର୍ଣ୍ଣ ଚଟାଣର ମଧ ଡିପ୍ଲାଷ୍ଟରିଂ କରାଯାଇ ମରାମତି କରାଯିବ। ଯେଭଳି ଆଗାମୀ ଶହେ ବର୍ଷ ପାଇଁ କୌଣସି ସମସ୍ୟା ନରିବ ତାକୁ ଦୃଷ୍ଟିରେ ରଖି ମରାମତି କାର୍ଯ୍ୟ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସମୟ ନିର୍ଘଣ୍ଟ ଅନୁଯାୟୀ, ଦି'ପହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ପରେ ପ୍ରତ୍ୟେହ ଦିନ ପ୍ରାୟ ସାଢ଼େ ୧୨ଟା କିମ୍ବା ଗୋଟାଏରୁ ମରାମତି କାମ ଆରମ୍ଭ ହେବ।

## ବିଜୟ ପାଲଟିଲେ ବିଜେଡି ...

ଗଣମାଧ୍ୟମକୁ ଡାକି କୁଟେ ଓ ଆଶୀଷ ସିଂ ଦିଲ୍ଲୀ ଯିବା ପଛରେ ଡିଲ୍ ହୋଇଥିବା ଅଭିଯୋଗ ଆଣିଛନ୍ତି । ଆଉ ମୁଖ୍ୟମନ୍ତ୍ରୀଙ୍କଠୁ ସ୍ପଷ୍ଟୀକରଣ ବି ମାଗିଛନ୍ତି । ତା'ଛଡ଼ା ମୟୂରଭଞ୍ଜ ଗସ୍ତରେ ଥିବାବେଳେ 'ଓଡ଼ିଶାର ରାଜନୀତିକ ଅବସ୍ଥା ଭଲନାହିଁ ଓ ବିଜେଡି ନିଜର କିଛି ନୀତି ସ୍ଥିର କରିନାହିଁ ବୋଲି ମଧ ମତ ଦେଇଥିଲେ।" ତେବେ ବିଜୟଙ୍କୁ ବିଜେପି ବିଧାୟକ ଅଶୋକ ମହାନ୍ତି ପାଲଟା ଟାର୍ଗେଟ୍ କରିବା ସହ ତାଙ୍କର ବୟାନକୁ ସଇତାନର ବେଦପାଠ ବୋଲି ଆକ୍ଷେପ କରିଥିଲେ । ଆଉ ଯିଏ ଡିଲ୍ କଥା କହୁଛନ୍ତି ସିଏ ହିଁ ଡିଲ୍ କରିଥିବା ବିଜେପି କହିବା ପରେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ଓ ବିଜୟଙ୍କ ମଧ୍ୟରେ ନିଶ୍ଚିତ କିଛି ଡିଲ୍ ହୋଇଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଜୋର ଧରିବାରେ ଲାଗିଛି । ଏପଟେ ବିଜେଡିରେ ଉପରକୁ ସବୁ ଠିକଠାକ୍ ବୋଲି ଦେଖାଇବାକୁ ଯେତେ ଚେଷ୍ଟା ଚାଲିଥିଲେ ବି କୁଟେ-ଆଶୀଷ ସିଂଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିବା ପରଠୁ ଦଳରେ ଅଧିକାଂଶ ନେତାଙ୍କ ଟାର୍ଗେଟରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ରହିଛନ୍ତି । ପାଣ୍ଡିଆନ ହିଁ କିଛି ଗୋଟେ ଡିଲ୍ କରି ଏହି ଦୁଇ ଆଇପିଏସଙ୍କୁ କେନ୍ଦ୍ରରେ ଥଇଥାନ କରିଥିବା ତଥା ତାଙ୍କର ସନ୍ଦେହଜନକ ଗତିବିଧିକୁ ନେଇ ଦଳର ନେତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବ୍ୟାପିବାରେ ଲାଗିଛି । ୧୦ଦିନ ପରେ ବି ଅସନ୍ତୋଷ ଥମିବାର ନାଁ ଧରୁନି । ବିଜୟ ନିଜର ଦୁଇ ଦଶନ୍ଧି ପୁରୁଣା ଅସମ୍ମାନର ପ୍ରତିଶୋଧ ନେବାକୁ ଗୋଟିଚାଳନା କରୁଥିବା ଚର୍ଚ୍ଚା ହେଉଛି । ପାଣ୍ଡିଆନଙ୍କ ଖାସ୍ ସହଯୋଗୀ(ଏବେ ବିଦ୍ରୋହୀ)ଙ୍କ ସହଯୋଗ ତଥା ନିଜର ପୁରୁଣା ଅନୁଗତମାନଙ୍କ ମାଧ୍ୟମରେ ବିଜେଡିରେ ଅନିଶ୍ଚିତତା,ସନ୍ଦେହ ଓ ଅନିଶ୍ଚିତତାର ବାତାବରଣକୁ ଅଧିକ ଉଗ୍ର କରାଇବାର ମାର୍ଗ ପ୍ରଶସ୍ତ ହେଉଛି । ଯାହାକି ବିଜେଡିକୁ ବିଭାଜନ ଆଡ଼କୁ ନେଇଯାଉଛି ବୋଲି ବିଜେଡି ମହଲରେ ଆଲୋଚନା ଚାଲିଛି ।

## ଡିସେମ୍ବରରେ ମିଳିବ...

ଜଣାନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ମଣ୍ଡିରେ ୫ ଏକର ଜମି ଥିବା ଦର୍ଶାଇଥିଲେ ରିଜେକ୍ଟ ଲିଷ୍ଟରେ ନାଁ ଆସିବ। ଭୁଲବଶତଃ ଉଲ୍ଲେଖ କରିଥିଲେ ପୋର୍ଟାଲ ଜରିଆରେ ଅଭିଯୋଗ କରନ୍ତୁ। ଯେଉଁମାନଙ୍କ ରିଜେକ୍ଟ ହୋଇଯାଇଛି, ସେମାନଙ୍କ ୩ ଥର ଯାଞ୍ଚ ସରିଲାଣି। ସୂଚନାଯୋଗ୍ୟ, ହିତାଧୀକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରରିଛି। ଡିସେମ୍ବର ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବବୋଲି ଚର୍ଚ୍ଚା ହେଉଥିଲା। ତେବେ ଯାଞ୍ଚ ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଡିସେମ୍ବରରେ ମିଳିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭିକାରୀଙ୍କୁ ଭିକ ଦେଲେ ...

ବ୍ୟାନ ଲାଗିଛି। ଆମର ଭିକ ମାଗିବା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଚଳିତ ମାସ ଶେଷ ଯାଏ ଚାଲିବ। ଏହାପରେ ଅର୍ଥାତ ଜାନୁଆରୀ ୧ରୁ ଯଦି କେହି ଭିକ ଦେଉଥିବା ଜଣାପଡ଼ିବ, ତା'ହେଲେ ତାଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯିବ। ଇନ୍ଦୋରବାସୀଙ୍କୁ ଅନୁରୋଧ ଯେ ସେମାନେ ଭିକ ଦେଇ ଏପରି ପାପର ଅଧିକାରୀ ହୁଅନ୍ତୁ ନାହିଁ। ସହରକୁ ଭିକାରୀ ମୁକ୍ତ ପାଇଁ ଚାଲିଥିବା ଅଭିଯାନକୁ ସେମାନେ ସଫଳ କରନ୍ତୁ ବୋଲି ଶ୍ରୀ ସିଂହ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଭିକାରୀମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ କେନ୍ଦ୍ରରେ ରଖିବା ପାଇଁ କେନ୍ଦ୍ର ସରକାର ଅଭିଯାନ ଆରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ଇନ୍ଦୋର, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟନା ଓ ଅହମଦାବାଦକୁ ଭିକାରୀ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଇଭିଏମକୁ ନେଇ ବଢ଼ିଲା...

ଇଭିଏମକୁ ହ୍ୟାକ କରାଯାଇପାରିବ, ତା'ହେଲେ ସେମାନେ ନିର୍ବାଚନ କମିଶନଙ୍କୁ ଭେଟନ୍ତୁ ଓ ଇଭିଏମ କେମିତି ହ୍ୟାକ ହୁଏ, ତାଙ୍କୁ ଦେଖାନ୍ତୁ। କେବଳ ଏମିତି ବୟାନ ଦେଲେ କିଛି ଲାଭ ନାହିଁ।" ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଏପରି ବୟାନ ପରେ କଂଗ୍ରେସ ଓ ଇଣ୍ଡିଆ ବ୍ଲକକୁ ଟାର୍ଗେଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ। ସେ କହିଛନ୍ତି, "ନିକଟରେ ୨ଟି ନିର୍ବାଚନ ଶେଷ ହୋଇଛି। ଜମ୍ମୁ-କଶ୍ମୀର ଓ ଝାରଖଣ୍ଡ ନିର୍ବାଚନ କଥା ବିଚାରକୁ ନିଅନ୍ତୁ। ଇଣ୍ଡିଆ ବ୍ଲକରେ ଥିବା ଗୋଟିଏ ଦଳ ଜମ୍ମୁ-କଶ୍ମୀରରେ ନିର୍ବାଚନ ଜିତିଛି। ସେଠାରେ ଇଭିଏମକୁ ନେଇ କୌଣସି ପ୍ରକାରର ପ୍ରଶ୍ନ ଉଠିନାହିଁ। ଝାରଖଣ୍ଡରେ ଇଣ୍ଡିଆ ବ୍ଲକ ଜିତିଲା। ସେଠାରେ ମଧ କୌଣସି ଅଭିଯୋଗ ନାହିଁ। ଗୋଟିଏ ମେଣ୍ଟ ମିଛର ସାହାରରେ ରହିପାରିବ ନାହିଁ। ଅଭିଷେକ ବାନାର୍ଜୀ ସମ୍ଭବତଃ ବିଳମ୍ବରେ ଏହାକୁ ହୃଦୟଙ୍ଗମ କରିଛନ୍ତି। କିନ୍ତୁ ସେ ବିଳମ୍ବରେ ହେଉ ପଛରେ ସତ୍ୟକୁ ବୁଝି ପାରିଛନ୍ତି।"

## ବିସ୍ଫୋରକ ସହ...

ସୋଡି ଲଖମା(୨୩),ମାଡକମ ଲଛୁ(୨୮),ସୋଡି ଗଙ୍ଗା(୨୩),ସୋଡି ଦେବା(୨୩),ସୋଡି ମନିଷ(୪୫),ମାଡକମ ସୋନୁ(୫୦),ସୋଡି ଭୀମା(୨୭),ହେମରା ଜଗା(୩୨),ମାଡକମ ନଙ୍ଗା(୪୦) ଏବଂ ସୋଡି ଭିମା(୨୮)। ଗିରଫ ହୋଇଥିବା ନକ୍ସଲମାନେ ବହୁ ହିଂସାରେ ଜଡିତ ଥିବା ପୁଲିସ କହିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନୂତନ ସତସଙ୍ଗ ମନ୍ଦିର ଉଦ୍ଘାଟିତ

ବେତନଟୀ , ୧୬/୧୨ (ନି.ପ୍ର): ବେତନଟୀ ଉପକଣ୍ଠ ଜାତୀୟ ରାଜପଥ ୧୮ନମ୍ବର ପାର୍ଶ୍ୱରେ ନୂତନ କରି ଗଢି ଉଠିଥିବା ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଭବ୍ୟ ମନ୍ଦିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି, ବିହାରର ଦେଓଘରର ମୁଖ୍ୟ ଠାକୁର ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ।୧୫ ତାରିଖ ଅପରାହ୍ନରେ ଏହା ଉଦଘାଟନ ସହ ଉପସ୍ଥିତ ସତସଙ୍ଗୀ ଓ ସାଧାରଣ ଭକ୍ତଗଣଙ୍କୁ ଆର୍ଶୀବଚନ ଶୁଣାଇଥିଲେ । ୧୬ ତାରିଖ ପ୍ରାତଃ ଘ୫.୩୫ମିନିଟ୍ ରୁ ଭଜନ କୀର୍ତ୍ତନ ଭଳି ମାଙ୍ଗଳିକ କାର୍ଯ୍ୟକ୍ରମ ଦିନବ୍ୟାପୀ ଚାଲୁରହିବା ସହ ପ୍ରାୟ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଭକ୍ତଗଣ ଶୃଙ୍ଖଳିତ ଭାବେ ସମସ୍ତେ ପ୍ରସାଦ ସେବନ ସହ ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ । ସ.ପ୍ର. ରିତିକ ଖଗେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ଶ୍ରୀବତ୍ସ ସାମଲ, ନୀରୋଦ ସୁନ୍ଦର ଜେନା, ବଂଶୀଧର ଖଟୁଆ, କୈଳାସ ଚନ୍ଦ୍ର ନାୟକ,ଖକନ ଖଟୁଆ, ଶ୍ରୀକାନ୍ତ ଜେନା,ରତିକାନ୍ତ ଜେନା, ସତସଙ୍ଗୀଗଣ ବିଶେଷ ସହଯୋଗ ପ୍ରଦାନ କରିଥିଲେ । ମଧ୍ୟାହ୍ନରେ ଭଜନ, କୀର୍ତ୍ତନସହ ନଗର ପରିଭ୍ରମଣ କରାଯାଇଥିଲା । ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଗତମାସ ଶେଷ ସପ୍ତାହରେ ବେତନଟୀରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ଚଳିତ ମାସ ମଧ୍ୟଭାଗରେ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଭଳି କାର୍ଯ୍ୟ ପାଇଁ ବେତନଟୀରେ ଏକ ଧାର୍ମିକ ମହଲ ସୃଷ୍ଟି ହୋଇଥିବାର ଦେଖାଯାଉଛି ।



# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୪-୨୫ ଅନୁଷ୍ଠିତ



ବାଲେଶ୍ୱର, ୧୬/୧୨ (ନି.ପ୍ର): ସ୍ଥାନୀୟ ବାଲେଶ୍ୱର ଜିଲ୍ଲା ସ୍କୁଲଠାରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରାଚୀ ତନୟା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ, ମୁଖ୍ୟ ବକ୍ତା ଭାବେ ମାନ୍ୟବର ଅଧ୍ୟକ୍ଷ ଜ଼ିଲ୍ଲା ପରିଷଦ ଶ୍ରୀ ନାରାୟଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ, ଆଇଟିଆଇ ଚାନ୍ଦିପୁର ଶ୍ରୀ ପ୍ରିୟନାଥ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର ଶ୍ରୀ ରାସମଣୀ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାହାନଗା ଶ୍ରୀମତୀ ସୋମାରାଣୀ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ଜ଼ିଲ୍ଲା ସ୍କୁଲ ସୂର୍ଯ୍ୟସିଖା ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଅଶୋକ କୁମାର ନାୟକ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ହରେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ପ୍ରଦର୍ଶନୀରେ ଜିଲ୍ଲାର ୧୨ ଗୋଟି ବ୍ଲକରୁ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ପରିବହନ ଏବଂ ଯୋଗାଯୋଗ, ପ୍ରାକୃତିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା ଓ ଉତ୍ସ ପରିଚାଳନା ଭଳି ୭ଟି ବିଷୟବସ୍ତୁ ଉପରେ ମୋଟ ୮୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଓ ସେଥି ମଧ୍ୟରୁ ୭ ଗୋଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଉନ୍ନୀତ ହୋଇଛନ୍ତି ଓ ସଭା ଶେଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଶୃଙ୍ଖଳିତ ଶୈକ୍ଷିକ ପରିବେଶ ହିଁ ଉନ୍ନତ ରାଷ୍ଟ୍ର ଗଠନରେ ସହାୟକ ହୋଇଥଏ



ବଡ଼ସାହି , ୧୬/୧୨ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବିଶିପୁରର ଏକାଦଶ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ଭାରତୀୟ ସଂସ୍କୃତି ସମ୍ପନ୍ନ ଉପରେ ପର୍ଯ୍ୟବେଶିତ ହେବା ସହ ଶୃଙ୍ଖଳିତ ଶୈକ୍ଷିକ ପରିବେଶ ସୃଷ୍ଟି ହେଲେ ଉନ୍ନତ ରାଷ୍ଟ୍ର ଗଠନ ରେ ତାହା ସହାୟକ ହେବ ବୋଲି ଶ୍ରୀଯୁକ୍ତ ଦାଶ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ପରିଷଦ ର ମୁଖ୍ୟ ପରାମର୍ଶ ଦାତା ତଥା ବିଶିଷ୍ଟ ଶିକ୍ଷା ବିତ ଭରତ ଚନ୍ଦ୍ର ମହାନ୍ତି ନିଜ ବକ୍ତବ୍ୟ ରେ ପିଲାମାନଙ୍କୁ ବିବେକାନନ୍ଦ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇ ଥିଲେ । ସମ୍ମାନିତ ବକ୍ତା ଭାବେ ଉଦଳା ପୌର ପରିଷଦ ର ଅଧକ୍ଷା ପ୍ରମିଳା ପଣ୍ଡା ପିଲା ମାନଙ୍କୁ ଉପଯୁକ୍ତ ସଂସ୍କାର ରେ ଗଢି ତୋଳିବା ପାଇଁ ଅଭିଭାବକ ଓ ଗୁରୁଜୀ ଗୁରୁମା ମାନଙ୍କୁ ପରାମର୍ଶ ଦେଇ ଥିଲେ ଲ ବାଣୀ ପୀଠ ର ଅଧ୍ୟକ୍ଷ ଡ଼ କୁମାର ବାବୁଲି ଙ୍କ ସଭାପତି ତ୍ୱ ରେ ଏହି ସଭା ରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ଶିବ ଶଙ୍କର ଭୋଇ ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଅନୁଷ୍ଠାନ ର ସମ୍ପାଦକ ଶାନ୍ତି ପ୍ରବୀର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ବିଷୟ ରେ ନିଜ ର ବିବରଣୀ ପ୍ରଦାନ କରିଥିଲେ । ସାମ୍ମନ୍ଵିତ ଅତିଥି ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଶେଷଦେବ ପାତ୍ର ଓ ବାଣୀପୀଠ ସଂଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଯୋଗ ଦାନ କରିଥିଲେ । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟକ୍ଷ ମଧୁସ୍ମିତା ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭ ରେ ସ୍ୱାମୀ ବିବେକାନନ୍ଦ, ଭାରତ ମାତା, ପ୍ରଭୁ ଜଗନ୍ନାଥ, ପଣ୍ଡିତ ଲକ୍ଷ୍ମୀଧର ରାଉତ ଙ୍କଫୋଟୋ ଚିତ୍ର ରେ ପୂଜାର୍ଚ୍ଚନା କରା ଯାଇ ଥିଲା । ଶେଷ ରେ ଅତିଥି ମାନେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ପିଲା ମାନଙ୍କ ଦ୍ୱାରା ନାଟକ ଆମ୍ମା କାନ୍ଦୁଛି, ଅଭିଭାବକ ଓ ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ନାଟକ 'ମଶାଣି ପଦାରେ ଜଗା ବଳିଆ ' ପୌରାଣିକ ନାଟକ 'ଦୁର୍ଗତି ନାଶିନୀ ଦୁର୍ଗା ' ପାରିବେଶିତ ହୋଇଥିଲା ଶେଷରେ ଗୁରୁଜୀ ପରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେକ୍ଷ ଶେଷରେ ମାତୃ ପୂଜନ ଓ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# କାର୍ଯ୍ୟରତ ଡାକ୍ତରଖାନା ଆଟେଣ୍ଡାଟଙ୍କ ଅକାଳ ବିୟୋଗ

ନୀଳଗିରି, ୧୬/୧୨ (ନି.ପ୍ର): କାର୍ଯ୍ୟ କରୁଥିବା ସମୟରେ ମେଡିକାଲରେ ଚାଲିଗଲା ଆଟେଣ୍ଡାଟଙ୍କ ଜୀବନ। ଏମିତି ଏକ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ବରହମପୁର ଥାନା ଅଧୀନ ବରହମପୁର ଗୋଷ୍ଠୀ ଚିକିତ୍ସାଳୟରେ ।ଧରମପୁର ପଞ୍ଚାୟତ ବାଡ଼ଁଶପାଳ ଗ୍ରାମର ମନୋରଞ୍ଜନ ବେହେରା ଓରଫ ବାବୁ (୫୬) ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଟେଣ୍ଡାଟ ଭାବରେ କାର୍ଯ୍ୟରତ ଥିଲେ। ସୋମବାର ସକାଳ ୮ ଟାରେ ନିଜ କାର୍ଯ୍ୟରେ ଯୋଗଦେବା ପରେ ୯ ଟାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଥିଲା ।ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଥିଲା। ଶବବ୍ୟବଚ୍ଛେଦ ପରେ ତାଙ୍କ ମୃତ ଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁଅ ଜଗନ୍ନାଥ ମୁଖାଗ୍ନି ଦେଇଥିଲେ ।ସେ ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରହମପୁର ଗୋଷ୍ଠୀ ଚିକିତ୍ସାଳୟର ଅଧିକାରୀ ସୌମ୍ୟସମ୍ବିତ ବେହେରାଙ୍କ ତତ୍ତ୍ୱାବଧାନରେ ଶ୍ରୀ ବେହେରାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ପାଳନ କରାଯାଇଥିବା ସୂଚନା ମିଳିଛି।

# ଅନ୍ନପୂର୍ଣ୍ଣା ଇଞ୍ଜିନିୟରିଂ ୱାର୍କସପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୭ ୟୁନିଟ୍ ସଂଗ୍ରହ



ବସ୍ତା, ୧୬/୧୨ (ନି.ପ୍ର): ରାଜ୍ୟରେ ରକ୍ତର ଅଭାବ ପରିଲକ୍ଷିତ କରି ଅନ୍ନପୂର୍ଣ୍ଣା ଇଞ୍ଜିୟରିଙ୍ଗ ୱାର୍କସପ ଓ ବସ୍ତା ବ୍ଲକ୍ ନାବରା ଗ୍ରାମର ଜିବନ କରଙ୍କ ଝିଅ ତ୍ରୟମ୍ବିକା (ସିୟା) ର ପ୍ରଥମ ଜନ୍ମ ଦିନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ତଇଲକି ରେ ଥିବା ଅନ୍ନପୂର୍ଣ୍ଣା ଇଞ୍ଜିନିୟରିଂ ୱାର୍କସପ୍‌ର ପ୍ରତିଷ୍ଠାତା କାର୍ତ୍ତିକ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସମାଜସେବୀ ଭୋଳାନାଥ କର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ମୁଖ୍ୟ ବକ୍ତା ପରିବେଶବିତ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥି ବିଜେପି ନେତା ବ୍ରଜମୋହନ ପ୍ରଧାନ, ସରପଞ୍ଚ ଡ଼ା ନଗେନ୍ଦ୍ର ସିଂହ, ବିପିନ ବିଶ୍ୱାଳ, ରାଧାକୃଷ୍ଣ ବେହେରା ଓ ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ସତିଶ ଚନ୍ଦ୍ର ଜେନା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଜେଜେ ବାପା ହରିହର କର, ମଧୁସୂଦନ କର, ଲକ୍ଷ୍ମୀପ୍ରିୟା କର, ମଞ୍ଜୁଲତା ରାଉତ, ପୂଜା କର, କରନ ରାଉତ, ବିବେକାନନ୍ଦ ଦେ ପରିଚାଳନା କରିଥିଲେ । ଏହି ଶିବିରରୁ ୩୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଶହେବର୍ଷ ପୂର୍ତ୍ତି ପାଳନପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରସ୍ତୁତି ବୈଠକ

ନୀଳଗିରି , ୧୬/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ମାନଗଡ଼ ଛକଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଶାଖା ତରଫରୁ ଦଳର ଶହେବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଭାକର ମହାପାତ୍ର ଏହି ବୈଠକରେ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ, ପାଟପୁର ବ୍ରାଞ୍ଚ ସମ୍ପାଦକ ହରେକୃଷ୍ଣ ପଣ୍ଡିତ,ପ୍ରତାପଡା ବ୍ରାଞ୍ଚ ସମ୍ପାଦକ ଦେବେନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ରବୀନ୍ଦ୍ର ନାୟକ, ବାସନ୍ତୀ ନାୟକ, ସୁରେନ୍ଦ୍ର ଦେଉରି, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଡିସେମ୍ବର ୨୬ତାରିଖ ଦିନ ନୀଳଗିରିଠାରେ ପାର୍ଟି ପ୍ରତିଷ୍ଠା ଦିବସଟିକୁ ମହାସମାରୋହରେ ପାଳନ କରିବାନେଇ ନିଷ୍ପତି ହୋଇଛି। ଉକ୍ତ ବୈଠକରେ ନୀଳଗିରିର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଏକତାପାଇଁ ବିଧାନସଭାରେ ସାମ୍ବାଦିକ ସୁରକ୍ଷା ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ବିରୋଧୀଦଳ ତରଫରୁ ପ୍ରଶ୍ନ ହୋଇପାରିଥିବାରୁ ସଙ୍ଘକୁ ଦଳ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଯାପିତ: ପାରାଦ୍ୱୀପ ବନ୍ଦର ଚାମ୍ପିଅନ



ପାରାଦ୍ୱୀପ , ୧୬/୧୨ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପର ଜୟଦେବ ସଦନ ଠାରେ ଚଳିତ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇ ଚାରି ଦିନ ଧରି ଆୟୋଜିତ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ୧୫ ତାରିଖ ଦିନ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଂଧ୍ୟାରେ ଆୟୋଜକ ପାରାଦ୍ୱୀପ ବନ୍ଦର ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ନାଟକ ଭାରତ ବିଚିତ୍ରା ପ୍ରସ୍ତୁତ କରିଥିଲେ । ଏ ବିଶାଳ ଦେଶରେ ଅନେକ ସଂସ୍କୃତି, ପରମ୍ପରା ଥିବା ସଙ୍ଗେ ସଙ୍ଗେ କେତେ ରାଜା ମହାରାଜା ମାନଙ୍କର ବଳିଷ୍ଠ ନେତୃତ୍ୱ ଏବଂ ମହାପୁରୁଷ ମାନଙ୍କର ତ୍ୟାଗ ଓ ଦିଗ୍ଦର୍ଶନ ଆଜି କିପରି ମୂଲ୍ୟହୀନ ହୋଇପଡିଛି ଏବଂ ଏଭଳି ସ୍ଥିତିରେ ଦିଗହରା ଯୁବ ସମାଜକୁ ପୁଣି ଥରେ ଜାଗ୍ରତ କରି ଏକ ସୁସ୍ଥ ସମାଜ ଗଠନ କରିବାର ଆବଶ୍ୟକତା ଅଛି ଏହି ନାଟକରେ ପରିଦର୍ଶିତ ହୋଇଥିଲା । ଓଡ଼ିଶୀ ନୃତ୍ୟରେ କଳାକାର ମାନେ ପ୍ରଭୁ ଜଗନ୍ନାଥଙ୍କର ବିଭିନ୍ନ ବେଶ ଓ ରୂପର ଅବତାରଣା କରିଥିଲେ ଯାହାକି ପ୍ରଶଂସା ସାଉଁଟିଥିଲା ସହ ପ୍ରଥମ ପୁରସ୍କାର ପାଇଥିଲା । ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ ପାରାଦୀପ ବନ୍ଦର ଚମ୍ପିୟାନ ହୋଇଥିବା ବେଳେ ଶ୍ୟାମ ପ୍ରସାଦ ମୁଖାର୍ଜୀ କଲିକତା ବନ୍ଦର ପ୍ରଥମ ରନର୍ସଅପ୍ ହୋଇଥିଲା ବେଳେ ମୁମ୍ବାଇ ବନ୍ଦର ଦ୍ୱିତୀୟ ରନର୍ସଅପ ହୋଇଥିଲେ। ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଦ ବିଭିନ୍ନ ବନ୍ଦରର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦେବା ସଙ୍ଗେ ସଙ୍ଗେ ଚମ୍ପିୟାନ ଓ ରନର୍ସଅପ ବନ୍ଦରକୁ ଟ୍ରଫି ପ୍ରଦାନ କରିଥିଲେ । ସୋମ୍ୟା। ମିଶ୍ର, ଟିମ୍ ପିପିଏର ଲାଇଟ ଭୋକାଲ୍ ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି । ବନ୍ଦର ଅଧ୍ୟକ୍ଷ ତାଙ୍କ ଭାଷଣରେ କହିଥିଲେ କି ପାରାଦୀପ ବନ୍ଦର କେବଳ ପଣ୍ୟ କାରବାରରେ ନିଜକୁ ସଫଳ କରିନାହିଁ ତା ସଙ୍ଗେ ସଙ୍ଗେ କ୍ରମାଗତ ଭାବେ ୩ବର୍ଷ ଧରି ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ସଫଳତାର ସହିତ ଆୟୋଜିତ କରି ତାର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ସେ ବିଭିନ୍ନ ବନ୍ଦରରୁ ଆସିଥିବା ୨୦୦ ଉର୍ଦ୍ଧ କଳାକାର ମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ପାରାଦୀପରେ ସେମାନଙ୍କର ୪ ଦିନର ରହଣି ସୁଖଦ ହୋଇଥିବ ବୋଲି ଆଶା କରିଥିଲେ ଏବଂ ଏହି ଅବସରରେ ଆସନ୍ତା ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ଅନ୍ୟ ବନ୍ଦରର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଡି ଏନ୍ ସୋନ୍ଧିଙ୍କ ସଭପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ବନ୍ଦରର ଡି ସି କ୍ୟାପଟେନ ଅଲେଖ ସାହୁ, ଟ୍ରାଫିକ ମ୍ୟାନେଜର ଜି ଏଡିଶନ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ବନ୍ଦରର ଉପ ମୁଖ୍ୟ ଅର୍ଥ ପରାମର୍ଶଦାତା ଆର ଏନ୍ ମିଶ୍ର ମଞ୍ଚାସିନ ଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ରଞ୍ଜନ ରଶ୍ମି ବେଉରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଦେଇଥିଲେ।

# ଗାଡ଼କଣ ଡମ୍ପିୟାର୍ଡ ସମସ୍ୟାର ହେବ ସମାଧାନ: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଗାଡ଼କଣ ଡମ୍ପିୟାର୍ଡ ସ୍ଥାନାନ୍ତର କରିବା ପ୍ରସଙ୍ଗରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, କହିବା ଓ ଆଉ କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ଆମର ଏବେ ୬ ମାସର ସରକାର। ଆମ ଅଫିସର ଓ କର୍ମଚାରୀ ମାନେ ନିଷ୍ଠାର ସହ କାମ କରୁଛନ୍ତି। ଗାଡକଣରେ ଯାହା ସମସ୍ୟା ଅଛି ତାର ସମାଧାନ ହେବ। ଆସନ୍ତା ଏକ ମାସ ମଧ୍ୟରେ ସଂମ୍ପୂର୍ଣ୍ଣ ପ୍ରୋସେସ ସରିବ, ତାକୁ ନେଇ ବିଏମସି କମିଶନର କାର୍ଯ୍ୟ କରୁଛନ୍ତି। ସେଠାରେ ଭିତ୍ତିଭୂମିର ଉନ୍ନତି କରାଯାଉଛି।

# ବନ୍ଦର ଜନ ଶୁଣାଣିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ : ଆଇନ ଶୃଙ୍ଖଳା ପାଇଁ ପ୍ରଶାସନ ସଜାଗ

ବାଲିଆପାଳ ୧୬/୧୨( ନି ପ୍ର ) ପ୍ରସ୍ତାବିତ ସୁବର୍ଣ୍ଣ ରେଖା ବନ୍ଦର ଜନ ଶୁଣାଣି ମଙ୍ଗଳବାର ଡଗରା ମକର ମେଳା ପଡିଆରେ ହେବାକୁ ଯାଉଛି। ଜନ ଶୁଣାଣିକୁ ଭଣ୍ଡୁର କରିବା ପାଇଁ ଚୌମୁଖ ଭିଟାମାଟି ସୁରକ୍ଷା କମିଟି ଉଦ୍ୟମ କରୁଥିବା ବେଳେ କାଳିପଦା ବିକାଶ ପରିଷଦ ବନ୍ଦର ସପକ୍ଷରେ ଥାଇ ବିପୁଳ ଜନ ସମାବେଶ ପାଇଁ ଉଦ୍ୟମ କରୁଛି। ଗତକାଲି ବନ୍ଦର ବିରୋଧରେ ଭିଟାମାଟି ସୁରକ୍ଷା କମିଟି ବାଇକ ରାଲି ଓ ମଶାଲ ଶୋଭାଯାତ୍ରା କରିଥିବା ବେଳେ ଉପକୂଳ ବିକାଶ ପରିଷଦ ସାମ୍ବାଦିକ ସମ୍ମିଳନୀ ଜରିଆରେ ବନ୍ଦର ସପକ୍ଷରେ ମତ ରଖିଛି। ଆଜି ମଧ ଦୁଇ ଗୋଷ୍ଠୀ ଲୋକ ସମାବେଶ ପାଇଁ ଲାଗି ପଡ଼ିଥିବା ଦେଖିବାକୁ ମିଳିଛି। ୨୦୧୨ ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ପ୍ରଶାସନ ସଜାଗ ଥିବା ଦେଖା ଯାଇଛି। ଆଇନ ଶୃଙ୍ଖଳା ବଜାଇ ରଖିବା ପାଇଁ ପ୍ରଶାସନ ତରଫରୁ ସମସ୍ତଙ୍କୁ ନିବେଦନ କରାଯାଇଛି। ଘଟଣା ସ୍ଥଳରେ ଚାରି ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର, ଥାନାଧିକାରୀ, ବସ୍ତା ଏସ ଡି ପିଓ ପ୍ରମୁଖ ପରିସ୍ଥିତିକୁ ସମୀକ୍ଷା କରିଛନ୍ତି। ଡଗରା ଗୁମୁଟି ଛକ, କାଳିପଦା ବଜାର ଠାରେ ବାହାର ଲୋକଙ୍କୁ ପ୍ରସ୍ତାବିତ ଅଞ୍ଚଳକୁ ନ ଯିବା ପାଇଁ ବେରିକେଟ ଗେଟ ହେବାକୁ ଥିବା ଜଣା ଯାଇଛି। ବନ୍ଦର ବିରୋଧୀ କମିଟିର କେତେକ ସଂଗ୍ରାମୀ ନେତାଙ୍କୁ ପୁଲିସ ଅଟକ ରଖିବା ନେଇ ମଧ ଚର୍ଚ୍ଚା ଜୋର ଧରିଛି। ଏହାକୁ କେନ୍ଦ୍ର କରି ଯେ ରକ୍ତାତ ସଂଘର୍ଷ ନ ଘଟିବ ଏକଥା କୁ ଏଡା ଯାଇ ନ ପାରେ।

# ବେତନଟୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବେତନଟୀ, ୧୬/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏମପିସି ହାଇସ୍କୁଲ ଖେଳ ପଡିଆରେ ଆଜି ବେତନଟୀ ପ୍ରିମିୟର ଲିଗ-୨୦୨୪ ସିଜିନ -୧୧ ଆଜି ଉଦଘାଟିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଏହି ପ୍ରିମିୟର ଲିଗ ରେ ଉଦବୋଧନ ଦେଇ କ୍ରିକେଟିୟରଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଞ୍ଚଳରେ ଏଭଳି ବ୍ୟୟବହୁଳ ପ୍ରତିଯୋଗୀତାକୁ ପରିଚାଳନା କରି ୧୧ ବର୍ଷରେ ପହଞ୍ଚିଥିବାରୁ ଆୟୋଜକଙ୍କ ସମେତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ଲବର ସଭାପତି ଶଶିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାର ରେ ସ୍ୱତନ୍ତ୍ର ଅତିଥି ଭାବରେ ଏମପିସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ , କ୍ଲବ ର ସମ୍ପାଦକ ଦିଲ୍ଲୀପ କୁମାର ରାଉତ , କ୍ଲବ ର ସଦସ୍ୟ ସୁମନ ପାଲ, ପ୍ରକାଶ ବେହେରା, ଅଜୟ ସେଜପଡା, ଛତିଶ ସାହୁ, ନିରଞ୍ଜନ ମହାନ୍ତି , ମଣ୍ଡଳ ସମ୍ପାଦକ ଜୀବନ ପରିଡା , ମହିଳା ମୋର୍ଚ୍ଚା ସମ୍ପାଦକ ଅମ୍ବୀକା ବାରିକ ପ୍ରମୁଖ ଯୋଗଦାନ କରି ଖେଳାଳି ଳମାନଙ୍କୁ ଉତ୍ସାହିତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ କ୍ଲବ ର ସଦସ୍ୟ କିଶୋର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚଟି ୧୧ ଷ୍ଟାର ଳମୋରଡା ବନାମ ମାଣତ୍ରୀ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ୧୧ ଷ୍ଟାର ମୋରଡା ୨୦ ଓଭରରେ ୭ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲେ । ୧୧ ଷ୍ଟାର ଳମୋରଡା ର ଅଞ୍ଜନ ଲେଙ୍କା ୪୮ ଟି ଳବଲ ରେ ୫୦ ରନ ସଂଗ୍ରହ କରିଥିଲେ। ଏହାର ପ୍ରତିବାଦର ମାଣତ୍ରୀ ଳଟାଇଟନ୍ସ ୧୮ .୨ ୍ଳ ରେ ୧୧୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ମାଣତ୍ରୀ ଟାଇଟନ୍ସ ର ଶୁଭାଶିଷ ଧିର ୨୭ ରନ କରିବା ସହ ଗୋଟିଏ ଉଇକେଟ ନେଇ ଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ଖେଳ କୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲା ବେଳେ ବିକାଶ ଦାସ ଓ ରବିନ୍ଦ୍ର ସାହୁ ଷ୍କୋର ଦାଇତ୍ୱ ରେ ଚଳାଉଥିବା ବେଳେ ଅନଲାଇନ ସ୍କୋର ଶ୍ମିନ ପାତ୍ର ପରିଚାଳନା କରିଥିଲେ। ଏହି ପ୍ରିମିୟର ଲିଗ କୁ ପ୍ରଶାନ୍ତ ନାଥ, ସଞ୍ଜୁ ଦିବେଦ୍ୱୀ, ମନୋଜ ପଣ୍ଡା, ସୁଧାକର ପଣ୍ଡା, ଶୁଭମ ନାୟକ, ଭାଗ୍ୟରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଦୁଇଟି ମ୍ୟାଚ ଅନୁଷ୍ଠିତ ହେ୍ୱ ବୋଲି ଜଣାପଡିଛି।

# ନିଆଁ ଲାଗି ସଂପୂର୍ଣ୍ଣ ଭସ୍ମୀଭୂତ ହେଲା ଘର

ଜଳେଶ୍ୱର , ୧୬/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ୍ ଅଧିନସ୍ଥ ରାଇବଣିଆ ଗ୍ରାମ ପଞ୍ଚାୟତର ବାଉଁଶବଣୀ ଗ୍ରାମର ଶମ୍ଭୁ ହେମରମ୍ ଙ୍କ ପୁତ୍ର ରୁହ୍ୟା ହେମରମ ଘରେ ଆଜି ଅପରାହ୍ନରେ ଘରେ କେହି ନଥିବା ବେଳେ ହଠାତ୍ ଗାଁ ଲୋକେ ଦେଖିବାକୁ ପାଇଥିଲେ କି ରୁହ୍ୟା ର ଚାଳ ଛପର ଘରେ ହୁ ହୁ ହୋଇ ନିଆଁ ଲାଗିଛି କେହି କିଛି ବୁଝିବା ଆଗରୁ ଘର ସଂପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଗଲା ଓ ଅମଳ କରି ରଖିଥିବା ଧାନ, ଆସବା ପତ୍ର, ଟଙ୍କା ଲୁଗା ପଟା ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଚି ଲୋକେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ ଗାଡି ଆସି ପହଁଚିଲା ବେଳକୁ ଘର ସଂପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇ ଯାଇ ଥିଲା । ତାଙ୍କ ପରିବାରକୁ ସରକାରୀ ସହାୟତା ତୁରନ୍ତ ପ୍ରଦାନ କରିବା ସହିତ ସାଧାରଣରେ ରାଇବଣିଆ ଅଞ୍ଚଳ ଏକ ବିସ୍ତୀର୍ଣ୍ଣ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇ ଥିବାରୁ ଆଜିବି ଅନେକ ଲୋକ ଘର ଚାଳ ଛପର ଘର ରହିଅଛି ଏଥିପାଇଁ ଏ ଅଂଚଳରେ ଏକ ଅଗ୍ନିସମ କାର୍ଯ୍ୟାଳୟ ଆବଶ୍ୟକତା ରହିଛି ବୋଲି ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida